୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.77 Bhubaneswar Thursday May 01 2025 ୨୭ତମ ବର୍ଷ ସଂଖ୍ୟା–୭୭ ଭୁବନେଶ୍ୱର, ଗୁରୁବାର, ମଇ ୦୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ 1.₹ (Air Surcharge - 0.50P) Member-INS

## ଜାତିଭିତ୍ତିକ ଜନଗଣନା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ବିଜେଡି ସୁପ୍ରିମୋ




ଭୁବନେଶ୍ୱର,୩୦।୪(ପି.ଏନ): ଜାତିଭିତ୍ତିକ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ପୂର୍ବରୁ ବିଜେଡି ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରିବା ସହ ୫୦ ପ୍ରତିଶତ ସଂରକ୍ଷଣ ସୀମାରେଖାକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲା। ୨୦୨୩ରେ ତତ୍କାଳୀନ ବିଜେଡି ସରକାର ମଧ୍ୟ ରାଜ୍ୟରେ ଜାତିଭିତ୍ତିକ ଗଣନା ଆରମ୍ଭ କରିଥିଲେ। ଯାହାଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିଲା। କେନ୍ଦ୍ର ସରକାରଙ୍କ ଏହି ଜାତିଭିତ୍ତିକ ଜନଗଣନା ଦ୍ୱାରା ପଛୁଆ ବର୍ଗର ଲୋକଙ୍କ ଉନ୍ନତି ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି ନବୀନ। ବିଜୁ ଜନତା ଦଳ ସବୁବେଳେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗଙ୍କ ବିକାଶ ପାଇଁ ସହଯୋଗ କରିଆସୁଛି।

## ଅକ୍ଷୟ ତୃତୀୟା ଅବସରରେ ରଥଯାତ୍ରା ପାଇଁ ଅନୁକୂଳ ହେଲା ରଥକାମ



ଭୁବନେଶ୍ୱର,୩୦।୪(ପି.ଏନ): ବୈଶାଖ ଶୁକ୍ଳ ତୃତୀୟା, ପବିତ୍ର ଅକ୍ଷୟ ତୃତୀୟା । ବିଶ୍ୱ ପ୍ରଶିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣର ହେଲା ଶୁଭାରମ୍ଭ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ଆଚ଼ାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଛନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଗୋଟିଏ ଧଉରା କାଠରେ ସୁନା କୁରାଢି ସ୍ପର୍ଶ କରାଯାଇଛି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚ଼ନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥିଲା । ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ସ୍ୱ?ତାୟ ବ୍ରାହ୍ମଣ ବନଯାଗ ବିଧିରେ ରଥ ନିର୍ମାଣର ଅନୁକୂଳ କରିଛନ୍ତି । ରୂପକାର, କମାର, ଚ଼ିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୋଇଥିଲା । ଚ଼ତୁର୍ଥୀଠାରୁ ଶ୍ରୀନଅର ସମ୍ମୁଖ ଚ଼ାଳିଆରେ ୩ଟି ରଥ ତିଆରିର ଶୁଭାରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ଚ଼କ ପାଇଁ ତୁମ୍ବ ନିର୍ମାଣ କରିବେ ମହାରଣା ସେବାୟତ । ଏଥିପାଇଁ ଶ୍ରୀନଅର ସାମ୍ନାରେ ପ୍ରସ୍ତୁତ ରଥଖଳାରେ ଆସି ପହଞ୍ଚି ସାରିଛି କାଠ । ପରବର୍ତ୍ତୀ ପର୍ଯ୍ୟାୟରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଥିବା କାଠ ପହଞ୍ଚିବ ।

## ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରୀଷ୍ଣା ନାୟକ ଗିରଫ



ଭୁବନେଶ୍ୱର,୩୦।୪(ପି.ଏନ): ଭିଜିଲାନ୍ସ ଜାଲରେ ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ । ୩ଲକ୍ଷ ଟଙ୍କା ସହ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କୁ କାବୁ କଲା ଭିଜିଲାନ୍ସ। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଗରୁ ଧରିଛି ଭିଜିଲାନ୍ସ। ନିଶା ବେପାରୀଙ୍କୁ ଅନୁକମ୍ପା ଦେଖାଇବା ପାଇଁ ଲାଞ୍ଚ ଟଙ୍କା ନେଇଥିଲେ ଅବକାରୀ ଅଧୀକ୍ଷକ ଜଣକ । ପୂର୍ବରୁ ତାଙ୍କ ନାଁରେ ଭିଜିଲାନ୍ସ ନିକଟରେ ପିଟିସନ ପଡିଥିବା ସୂଚ଼ନା ମିଳିଛି। ଆୟଭିର୍ଭୂତ ସମ୍ପତ୍ତି ଅଭିଯୋଗରେ ଢେଙ୍କାନାଳ ଅବକାରୀ ଅଧୀକ୍ଷକଙ୍କୁ କ୍ରୀଷ୍ଣା ନାୟକଙ୍କୁ ଗିରଫ ପରେ କୋର୍ଟ ଚ଼ାଲାଣ କଲା ଭିଜିଲାନ୍ସ। ନିଜ ସ୍କର୍ପିଓ ଗାଡ଼ିରେ ବେନାମୀ ଟଙ୍କା ନେଇ ଅଫିସରୁ ଘରକୁ ଯାଉଥିବା ବେଳେ ମାଡି ବସିଥିଲ ଭିଜିଲାନ୍ସ।

## ଡବଲ ଇଞ୍ଜିନ ସରକାରରେ ଡବଲ ଅବହେଳା ; ଅନ୍ତୋଦୟରେ ଘର ନିର୍ମାଣ ପାଇଁ ମିଳୁନି ପ୍ରଥମ କିସ୍ତି ଟଙ୍କା

ଭୁବନେଶ୍ୱର,୩୦।୪(ପି.ଏନ): ଡବଲ ଇଞ୍ଜିନ ସରକାରରେ ଡବଲ ଅବହେଳା । ଅନ୍ତ୍ୟୋଦୟରେ ଘର ନିର୍ମାଣ ପାଇଁ ମିଳିଛି କାର୍ଯ୍ୟାଦେଶ । ହେଲେ ୨୮ ଦିନ ବିତିଯାଇଥିଲେ ବି ମିଳୁନି ପ୍ରଥମ କିସ୍ତି ଟଙ୍କା । ହିତାଧିକାରୀଙ୍କବୁ ଏବେ ସରକାରଙ୍କ ଘୋଷଣା ଲାଗୁଛି ଦିବା ସ୍ୱପ୍ନ । ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ରହିବା ସୁବିଧା କରିବା ପାଇଁ ସରକାର ମାର୍ଚ୍ଚ ମାସ ୩୦ ତରିଖ ଦିନ ରାଜ୍ୟର ସମସ୍ତ ବ୍ଲକରେ ଅନ୍ତୋଦୟ ଆବାସ ଯୋଜନରେ କାର୍ଯ୍ୟଦେଶ ବଣ୍ଟନ କରିଥିଲେ । ଏଥିରେ ସମସ୍ତ ହିତାଧିକାରୀ ଖୁସି ହୋଇ ପଡିଥିଲେ । ନବରଙ୍ଗପୁର ଜିଲ୍ଲାରେ ଥିବା ଦଶ ଗୋଟି ବ୍ଲକରେ ୨ ହଜାର ୬୨ ଜଣ ଙ୍କୁ ତାଲିକା ଭୁକ୍ତ କରି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । କିନ୍ତୁ ବିଡମ୍ବନା ର ବିଷୟ କାର୍ଯ୍ୟଦେଶ ଦେବାର ୨୫ ଦିନ ପରେ ମଧ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଆବାସ ଯୋଜନା ବାବଦରେ ପ୍ରଥମ କିସ୍ତି ଟଙ୍କା ଜମା ହୋଇନାହିଁ । ଯାହାକୁ ନେଇ ମାନସିକ ଅଶାନ୍ତିରେ ହିତାଧିକାରୀ । ପାପଡାହାଣ୍ଡି ବ୍ଲକ ସଦର ପଞ୍ଚାୟତର ଲେମ୍ବୁଧର ଅମାନାତ୍ୟ ଓ ମଧୁ ପୂଝରୀ କାର୍ଯ୍ୟାଦେଶ ପାଇବା ପରେ ଘର କାମ ପାଇ ବାଲି, ଇଟା, ପଥର, ଜମା କରିଛନ୍ତି । ଏହି ସାମଗ୍ରୀ ବାବଦକୁ ମାଲିକକୁ ଟଙ୍କା ଦେବାର ଅଛି । କିନ୍ତୁ ନିଜ ପାଖରେ ଟଙ୍କା ନାହିଁ ।ଅନ୍ୟପଟେ ହିତାଧିକାରୀ ନିଜ କୁଡ଼ିଆ ଭାଙ୍ଗି ଦେଇ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ପ୍ରଥମ କିସ୍ତି ଟଙ୍କା କାର୍ଯ୍ୟାଦେଶ ଦେବା ପରେ ସଙ୍ଗେ ସଙ୍ଗେ ପାସବୁକ କୁ ଟଙ୍କା ଆସିବା କଥା, କିନ୍ତୁ ଟଙ୍କା ନଆସିବାରୁ ହିତାଧିକାରୀ ହତାଶ ହୋଇ ପଡିଛି । କାର୍ଯ୍ୟାଦେଶ ମିଳିବାର ୧୨୦ଦିନ ଭିତରେ ଘର କାମ ଶେଷ କଲେ ସରକାର ହିତାଧିକାରୀଙ୍କୁ ବୋନସ ବାବଦରେ ୨୦ ହଜାର ଟଙ୍କା ଦେଇଥାନ୍ତେ । ହେଲେ ଏପର୍ଯ୍ୟନ୍ତ ପ୍ରଥମ କିସ୍ତି ମିଳିନଥିବା ବେଳେ କିଭଳି ଶୀଘ୍ର ଘର କାମ ସାରିବେ ସେନେଇ ଚ଼ିନ୍ତାରେ ହିତାଧିକାରୀ ।

## କିଛି ଦିନରେ ବର୍ଷ ପୂରିବ, ନିର୍ବାଚ଼ନୀ ପ୍ରତିଶୃତି ପାଳନରେ କିନ୍ତୁ ରାଜ୍ୟ ସରକାର ଫେଲ



ଭୁବନେଶ୍ୱର,୩୦।୪(ପି.ଏନ): କଷ୍ଟ ପୂରି ବର୍ଷ ପୂରିବାକୁ ଯାଉଛି। ପ୍ରତିଶୃତି ପାଳନ ପାଣିର ଗାର ପାଲଟିଛି। ସରକାର ଗଠନର ୨୪ ଘଣ୍ଟାରେ କ୍ଷତିଗସ୍ତଙ୍କୁ ନାଁ ମିଳିଲା ଚ଼ିଟଫଣ୍ଡ ଟଙ୍କା କି ଶାସନର ୧୦ମାସ ପରେ ବି ଲୋକଙ୍କ ମିଳିଲାନି ମାଗଣାରେ ୩୦୦ ୟୁନିଟ ବିଜୁଳି। ବରଂ ପୂର୍ବ ସରକାରଙ୍କ ଯୋଜନାର ନାଁ ପରିବର୍ତ୍ତନ କରି ବାହାବା ନେବା ସହ ରଙ୍ଗ ବଦଳାଇବା ନୀତିରେ ସଫଳ ହୋଇଛି ଡବଲ ଇଞ୍ଜିନ ସରକାର । ୨୦୨୪ ସାଧାରଣ ନିର୍ବାଚ଼ନରେ ଓଡିଶାବାସୀଙ୍କୁ ମଥ୍ୟା ପ୍ରତିଶୃତି ଦେଇ ବିଜେପି କ୍ଷମତା ଦଖଲ କଲା। ଶହେ ଦିନରେ ନିର୍ବାଚ଼ନୀ ପ୍ରତିଶୃତି ପାଳନ କରିବା ନାରା ଦେଇ ଲୋକଙ୍କୁ ଠକିଦେଇଛନ୍ତି ରାଜ୍ୟ ସରକାର । ସରକାର କେବଳ ମିଥ୍ୟା ପ୍ରଚ଼ାର ଓ ପ୍ରସାରରେ ମାତିଛନ୍ତି ବୋଲି ମୁଖ୍ୟ ବିରୋଧୀ ବିଜେଡି ଅଭିଯୋଗ କରିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ବିଜେପି ସରକାର ହେଉଛି ମିଛର ସରକାର। ବିଦେଶରୁ କଳା ଟଙ୍କା ଆଣି ପ୍ରତ୍ୟେକ ଲୋକଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ଦେବା ପରି ଓଡିଶାରେ ବିଜେପି ନିର୍ବାଚ଼ନୀ ପ୍ରତିଶୃତି ଦେଇଥିଲା । ବର୍ଷ ପୂର୍ତ୍ତିରେ ବିଜେପି ଦେଇଥିବା ନିର୍ବାଚ଼ନୀ ପ୍ରତିଶୃତି କେତେ ପାଳନ କରିଛି ତାହାର ଶ୍ୱେତପତ୍ର ଜାରୀ କରିବାକୁ ବିଜେଡି ଦାବି କରିଛି । ପ୍ରମିଳା ମଲ୍ଲିକ ଯୁକ୍ତି ହେଉଛି ବିଜେପି ଶାସନ କରିବା ଦିନଠାରୁ ଗାଁ ଗାଁରେ ବିକାଶ କାମ ସଂପୂର୍ଣ୍ଣ ଠପ ହୋଇଯିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ଦରଦାମରେ ଆକାଶ ଛୁଆଁ ହୋଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି ।ସେପଟେ କଂଗ୍ରେସ ମଧ ବିଜେପିର ଡବଲ ଇଂଜିନ ସରକାର ଉପରେ ବର୍ଷିଛି । ଓଡିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ଓଡିଆମାନଙ୍କ ମନକୁ କଠୋର ଆଘାତ ଦେଉଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚ଼ନ୍ଦ୍ର କାଡାମ ପ୍ରଶ୍ନ କରିଛନ୍ତି ଓଡ଼ିଆ ଅସ୍ମିତା ଆଜି କେଉଁଠି ? ଓଡ଼ିଶାରେ ଓଡ଼ିଆ ଲୋକ ରହିବାକୁ ଚ଼ାହୁଛନ୍ତି । ହେଲେ ପଡୋଶୀ ରାଜ୍ୟ ସେ ଅଧିକାର ଛଡ଼ାଇ ନେଉଛନ୍ତି । ବିଜେପି ସରକାରରେ ମହିଳା ଓ ନାବାଳିକାମାନେ ଅସୁରକ୍ଷିତ ହୋଇ ପଡିଥିବା ବେଳେ ସୁଭଦ୍ରା ଯୋଜନାରେ ଲୋଭ ଦେଖାଇ ମହିଳାଙ୍କୁ ଠକିଛନ୍ତି ରାଜ୍ୟ ବିଜେପି ସରକାର ।



ମଇ ଦିବସ-୨୦୨୫ ଅବସରରେ

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା–ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

DADLS-19
15001/13/0622/2526

ଶ୍ରମିକ ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






# 'ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ'



ଅଭିନେତା ଜେସନ ଶାହ ଯିଏ କି ନିକଟରେ ସଞ୍ଜୟ ଲୀଲା ବଂଶାଲୀଙ୍କ ହୀରାମଣ୍ଡିରେ ନଜର ଆସିଥିଲେ, ସେ ଏବେ ଏକ ବଡ ବୟାନ ଦେଇଛନ୍ତି । ଖୁଲ୍ଲମଖୁଲ୍ଲା ଭାବରେ ଏହି ଅଭିନେତା ଜଣକ ସେକ୍ସ ପ୍ରତି ଥିବା ତାଙ୍କର ଦୁର୍ବଳତାକୁ ନେଇ ଖୋଲିକି କହିଛନ୍ତି। ହ୍ୟାଣ୍ଡସମ ହଙ୍କ ଅଭିନେତା ଜେସନ କହିଛନ୍ତି ଯେ ସେ ସେକ୍ସ, ମଦ ଓ ଧୂମ୍ରପାନ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ପରେ ସେ କେତେ ବର୍ଷ ପରେ ଏହାକୁ ନେଇ ଅନୁଭବ କଲେ ଓ ନିଜ ଜୀବନରେ ଆଧ୍ୟାତ୍ମିକତାକୁ ସ୍ଥାନ ଦେବା ପରେ ଏଥିରୁ ମୁକ୍ତି ପାଇଛନ୍ତି। ଏକ ୟୁଟୁବ ଚ୍ୟାନେଲରେ ସାକ୍ଷାତକାର ଦେବା ସମୟରେ ଅଭିନେତା ଜେସନ ଶାହ କହିଛନ୍ତି ଯେ ସେ ଦିନକୁ ପ୍ରାୟ ଗୋଟିଏରୁ ଦୁଇ ପ୍ୟାକେଟ ସିଗାରେଟ ଟାଣୁଥିଲେ। ସେ ନିଶ୍ଚିତଭାବରେ କହି ପାରିବେ ଯେ ସେ ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ମହିଳାଙ୍କ ମାୟାରେ ସେ ବାୟା ଥିଲେ। ଏହିସବୁ ବଦଭ୍ୟାସ ଛାଡିବା ତାଙ୍କ ପାଇଁ କାଠିକର ପାଠ ହୋଇ ପଡିଥିଲା। ମାତ୍ର ଏସବୁକୁ ସେ ଏବେ ଛାଡି ଦେଇଛନ୍ତି। ଭଗବାନ ତାଙ୍କ ପ୍ରତି କୃପା କଲେ ଓ ସେ ଆଧ୍ୟାତ୍ମିକ ହୋଇ ଏଥିରୁ ମୁକ୍ତ ହୋଇ ପାରିଥିଲେ ବୋଲି ଜେସନ କହିଛନ୍ତି। ନିଜର ବର୍ତ୍ତମାନର ଜୀବନକୁ ମଧ୍ୟ ନେଇ ସେ କହିଛନ୍ତି। ଏବେ ସେ ଆଧ୍ୟାତ୍ମିକ ଶକ୍ତି ବଳରେ ପୂର୍ବଭଳି ଆଉ ନାହାନ୍ତି। ଯାହାକୁ ଡେଟ କରୁଛନ୍ତି ତାଙ୍କ ସହ ବିବାହ ପରେ ହିଁ ସେକ୍ସ କରିବେ ବୋଲି ଅଭିନେତା ଜଣକ ପ୍ରକାଶ କରିଛନ୍ତି। ଯୌନ ସଂପର୍କ ଦ୍ୱାରା ଜଣେ ପୁରୁଷ ଜଣେ ମହିଳାଙ୍କ ସହ ଭାବନାତ୍ମକ ଭାବରେ ଜଡିତ ହୋଇଥାଏ ବୋଲି ମଧ୍ୟ ଜେସନ କହିଛନ୍ତି।

# ଶୁଭାଯାଉନି କି ନା କହିପାରନ୍ତି, ତଥାପି ହିଟ୍



ଦୀର୍ଘ ଦିନରୁ ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ଜଣେ ବ୍ୟକ୍ତି ଅଜବ ଭାଷାରେ କିଛି ରାପ୍ କରୁଥିବାର ନଜର ଆସିଛନ୍ତି। କିନ୍ତୁ କାହାକୁ ବି ବୁଝା ପଡୁନି ଯେ ସେ କ'ଣ କହୁଛନ୍ତି ? ଏହି ବ୍ୟକ୍ତିଙ୍କ ଭିଡିଓରେ ଅନେକ ମେମ୍ସ ମଧ୍ୟ ହୋଇଛି। ଏଭଳି ଜଣେ ରାପର ହେଉଛନ୍ତି ମ୍ୟାକ୍ ବାବା। ଆଫ୍ରିକା ଦେଶର ମୂଳ ବାସିନ୍ଦା ହେଉଛନ୍ତି ରାପର ହେଉଛନ୍ତି ମ୍ୟାକ୍ ବାବା। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କୋଙ୍ଗୋର ରାପର କ୍ରାନ୍ତିକାରୀ ଉପାୟରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ବିପ୍ଳବ ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ବହୁତ କମ୍ ସମୟ ମଧ୍ୟରେ ସେ ଦେଶ ବିଦେଶରେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଅନେକ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମ୍ୟାକ୍ ବାବା ନା କହିପାରନ୍ତି ନା ଶୁଣିପାରନ୍ତି। ସେ ଶବ୍ଦ ନୁହେଁ ବରଂ ନିଜ ଆୱାଜ୍ ମାଧ୍ୟମରେ ରାପ୍ କରିଥାନ୍ତି। ହାତର ଇଶାରା ଏବଂ ଚେହେରାର ଏକ୍ସପ୍ରେସନ୍ ବ୍ୟବହାର କରିଥାନ୍ତି। କିନ୍ତୁ ଅଧିକାଂଶ ଲୋକ ତାଙ୍କୁ ବୁଝିପାରନ୍ତି ନାହିଁ। ତାଙ୍କର ଏକ ସିଗନେଚର ଷ୍ଟାଇଲ୍ 'ଡେଫ୍ ହାପ୍' ଦର୍ଶକଙ୍କ ମଧ୍ୟରେ ବେଶ ଲୋକପ୍ରିୟତା ହାସଲ କରିଛି। ତେବେ ଏକ ଭାଇରାଲ ମ୍ୟୁଜିକ ଭିଡିଓ ମାଧ୍ୟମରେ ସେ ଫେମସ୍ ହୋଇଥିଲେ। ୨୦୨୧ରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲେ ମ୍ୟାକ୍ ବାବା। 'ଲା ବେସରାନ୍' ନାମକ ଏକ ଜୋଡ଼ି ଭାବରେ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ୨୦୨୩ରେ ସେ ନିଜ କ୍ୟାରିୟର ଗଢ଼ିବାକୁ ନିଷ୍ପତି ନେଇଥିଲେ। ଏଥିପାଇଁ ତାଙ୍କୁ ବହୁତ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ଆଜି ସେ ସଫଳତାର ଶୀର୍ଷରେ ପହଂଚିପାରିଛନ୍ତି। ଗୋଟିଏ ଦିନରେ ତାଙ୍କ ଭିଡିଓର ଏକ କ୍ଲିପକୁ ପ୍ରାୟ ୧୦ ମିଲିୟନ୍ ଦର୍ଶକ ଦେଖିଥାନ୍ତି। ତାଙ୍କ ପ୍ରତିଭାକୁ ତାଙ୍କ ସାଥି ଏବଂ ଦେଶବାସୀ ହୃଦୟର ସହ ଆପଣାଇଛନ୍ତି। ସେ ନିଜ କ୍ୟାରିୟରରେ ଆଗରୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଲକ୍ଷ ରଖିଛନ୍ତି।

# ଜାପାନରେ ନିର୍ମିତ ହେବ ଚଳନ୍ତା ସଡ଼କ

ଜାପାନର ରାଜଧାନୀ ସହର ଟୋକିଓ ଓ ଅନ୍ୟତମ ବ୍ୟାବସାୟିକ ପେଣ୍ଠସ୍ଥଳୀ ଓସାକା ମଧ୍ୟରେ ପଣ୍ୟ ପରିବହନ ପାଇଁ ସରକାର ଏକ ଅଭିନବ ରାସ୍ତା ଆପଣେଇବାକୁ ଯାଉଛନ୍ତି। କୌଣସି ସ୍ୱତନ୍ତ୍ର ରାଜପଥ ନିର୍ମାଣ ନୁହେଁ, ବରଂ ୩୧୦ ମାଇଲ ବା ୫୦୦ କି.ମି. ଦୀର୍ଘ ଏକ କନଭେୟର୍ ବେଲ୍ଟ ସ୍ଥାପନ କରି ପରିବହନ ସମସ୍ୟାର ସମୟୋଚିତ ସମାଧାନ କରିବାକୁ ଜାପାନ ସରକାର ଯୋଜନା କରିଛନ୍ତି। ଗୋଟିଏ ଗୁଳିରେ ଦୁଇଟି ଶିକାର କଲା ଭଳି ଏହାଦ୍ୱାରା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଘୋର ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକିବାର ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି ସ୍ୱୟଂଚାଳିତ କନଭେୟର ବେଲ୍ଟରେ ଦୈନିକ ୨୫ ହଜାର ଟ୍ରକଭର୍ତି ପରିମାଣର ପଣ୍ୟ ପରିବହନ ହୋଇପାରିବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଜାପାନ ପରି ଉନ୍ନତ ଦେଶରେ ପଣ୍ୟ ପରିବହନ ପାଇଁ ଆବଶ୍ୟକ ସଂଖ୍ୟକ ଗାଡ଼ି ଚାଳକଙ୍କ ଅଭାବ ଲାଗି ରହିଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୨୦୨୦ ମସିହାରେ ଦେଶର ମୋଟ ପଣ୍ୟ ପରିବହନ ପାଇଁ ୬.୬ ଲକ୍ଷ ମାଲବାହୀ ଗାଡ଼ି ଚାଳକ ରହିଥିବା ବେଳେ ତାହା ପର୍ଯ୍ୟାପ୍ତ ନୁହେଁ। ଏପରିକି ୨୦୩୦ ବେଳକୁ ସେହି ସଂଖ୍ୟା ୩୬ ପ୍ରତିଶତ ହ୍ରାସ ପାଇ ପ୍ରାୟ ୪.୮ ଲକ୍ଷରେ ପହଂଚିବ। ଅର୍ଥାତ୍ ୨୦୨୦ ମସିହାରେ ଦେଶର ମୋଟ ୧୪୩ କୋଟି ଟନ୍ ଓଜନର ପଣ୍ୟ ପରିବହନ ହୋଇଥିବା ବେଳେ ୨୦୩୦ ବେଳକୁ ଉପଲବ୍ଧ ଗାଡ଼ିଚାଳକଙ୍କ ଦ୍ୱାରା ୧୪୦ କୋଟି ଟନ୍ ମାଲ୍ ପରିବହନ ହୋଇପାରିବ। ଏହି ସ୍ୱୟଂଚାଳିତ ରାସ୍ତା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ହେଉଥିବା ପରିବେଶ ପ୍ରଦୂଷଣକୁ ମଧ୍ୟ ଦୂର କରିବ। ଏପରି ମାଲ୍ ପରିବହନରେ ହ୍ରାସ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ତାହାର ମୁକାବିଲା ପାଇଁ ସରକାର ଏପରି ଏକ ସୁଦୀର୍ଘ କନ୍‌ଭେୟର ବେଲ୍ଟ ସ୍ଥାପନ ପାଇଁ ଯୋଜନା କରିଛନ୍ତି। ଦିନକୁ ଚବିଶଘଂଟା ସ୍ୱୟଂଚାଳିତ ଭାବେ ଏହି ବେଲ୍ଟ ମାଧ୍ୟମରେ ଯେତିକି ମାଲ୍ ପରିବହନ ହୋଇପାରିବ ତାହା ଦୈନିକ ୨୫ ହଜାର ଟ୍ରକ୍ ତଥା ଗାଡ଼ିଚାଳକଙ୍କ କାମ ସଙ୍ଗେ ସମାନ ହେବ ବୋଲି ଆକଳନ କରାଯାଉଛି। ଏଥି ସହିତ ପାରମ୍ପରିକ ଟ୍ରକ୍ ପରିବହନ ଜନିତ ଏତେ ସଂଖ୍ୟକ ଟ୍ରକ୍‌ରୁ ନିଷ୍କାସିତ ପ୍ରଭୂତ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ମଧ୍ୟ ଆଉ ବାୟୁମଣ୍ଡଳରେ ମିଶିବାର ସମ୍ଭାବନା ରହିବନି। ସୁତରାଂ ଏହି ସୁଦକ୍ଷ ତଥା ସବୁଜ ପ୍ରକଳ୍ପ ସରକାରଙ୍କୁ ଉଭୟ ଦିଗରୁ ଆଶ୍ୱସ୍ତ କରିବ ବୋଲି ଆଶା କରାଯାଉଛି।



# ସୁଟିଂ ବେଳେ ଆହତ ହେଲେ ଉର୍ବଶୀ



ସୁଟିଂ ବେଳେ ଗୁରୁତର ଆହତ ହେଲେ ଉର୍ବଶୀ ରାଉତେଲା। ସୂଚନା ଅନୁସାରେ ତାଙ୍କ ହାତରେ ଗଭୀର ଆଘାତ ଲାଗିବା କାରଣରୁ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତି କରାଯାଇଛି। ବର୍ତମାନ ଅଭିନେତ୍ରୀ ଚିକିତ୍ସିତ ହେଉଛନ୍ତି। ବାସ୍ତବରେ, ଫ୍ରି ପ୍ରେସ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଉର୍ବଶୀ ହାଇଦ୍ରାବାଦରେ ନନ୍ଦାମୁରୀ ବାଲାକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍‌ବିକେ ୧୦୯ ରେ ପାଇଁ ସୁଟିଂ କରୁଛନ୍ତି। ଏହି ଚଳଚ୍ଚିତ୍ରର ଏକ ଆକ୍ସନ୍ ସିନ୍ ସୁଟିଂ ହେବା ବେଳେ ଅଭିନେତ୍ରୀ ଆହତ ହୋଇଥିଲେ। ଯାହା ପରେ ତାଙ୍କୁ ବର୍ତମାନ ଡାକ୍ତରଖାନାରେ ଭର୍ତି କରାଯାଇଛି। ତାଙ୍କ ହାତ ଭାଙ୍ଗି ଯାଇଥିବା ନେଇ ସୂଚନା ରହିଛି। ଉର୍ବଶୀ ରାଉତେଲା ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ସୁଟିଂ ହାଇଦ୍ରାବାଦରେ ଜାରି ରହିଛି। ସୁଟିଂ ବେଳେ ଅଭିନେତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉର୍ବଶୀ ଡାକ୍ତରଖାନାରୁ କୌଣସି ଫଟୋ କିମ୍ବା ଭିଡିଓ ପ୍ରକାଶ ପାଇନାହିଁ। ବର୍ତମାନ ପ୍ରଶଂସକମାନେ ଅଭିନେତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି। ତେବେ ଏହି ଚଳଚ୍ଚିତ୍ରରେ ବବି ଦେଓଲ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଅକ୍ଟୋବର ୨୦୨୪ ସୁଦ୍ଧା ଏହି ଚଳଚ୍ଚିତ୍ର ମୁକ୍ତିଲାଭ ହୋଇପାରେ।

# ସାମ୍ନାକୁ ଆସିଲା ଶାହରୁଖ ଖାନଙ୍କ ୩୬ ବର୍ଷ ପୁରୁଣା ଭିଡିଓ

ବଲିଉଡର ବାଦଶାହ ଶାହରୁଖ ଖାନଙ୍କ ପ୍ରଶଂସକ ଖାଲି ଦେଶ ନୁହେଁ, ବିଦେଶରେ ମଧ୍ୟ। ତାଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ୧୦୦ରୁ ଅଧିକ ଫିଲ୍ମରେ କାମ କରିଥିବା ଶାହରୁଖ ଖାନ ନିଜ ଅଭିନୟ କ୍ୟାରିୟର ଏକ ଟେଲିଭିଜନ ଧାରାବାହିକରୁ ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ସିରିଏଲର ନାଁ ଥିଲା 'ଦିଲ ଦରିୟା'। ୩୬ ବର୍ଷ ପୂର୍ବରୁ ଆସିଥିବା ଏହି ସିରିଏଲର କିଛି କ୍ଲିପ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏଥିରେ ଶାହରୁଖ ଖାନଙ୍କୁ ଦେଖି ଦର୍ଶକ ପୁଣି ନିଜ ହୃଦୟ ଦେଇ ବସୁଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିବା ପୂର୍ବରୁ ବଲିଉଡ ବାଦଶାହ ଶାହରୁଖ ଖାନ୍ ୧୯୮୮ରେ ଟିଭିରେ ଡେବ୍ୟୁ କରିଥିଲେ। ଏହା ପରେ ସେ ଫୌଜି ଓ ହମ୍ ପାଂଚ ଜୈସେ ସିରିଏଲରେ ମଧ୍ୟ କାମ କରିଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୧

# ଏକ ସୁଖଦ ଯାତ୍ରା



ଅନୀତା ପଟ୍ଟନାୟକ

ଅରବିନ୍ଦ ଓ ନନ୍ଦିନୀ ନାମକ ଦୁଇ ଭାଇଭଉଣୀ ଥିଲେ। ସେମାନେ ବାହାରକୁ ବୁଲିଯିବାକୁ ଭାରି ଭଲ ପାଉଥିଲେ। ତାଙ୍କର ପିତା କମଳ ଲୋଚନ ଓ ମାଆ ଉର୍ବୀ ଅଯୋଧ୍ୟାକୁ ଯାଇ ଶ୍ରୀରାମଙ୍କ ଦର୍ଶନ କରିବାକୁ ସ୍ଥିର କଲେ। ଅନେକ ଯାତ୍ରୀ ଟ୍ରେନରେ ଚଢୁଥିବା ଓ ଓହ୍ଲାଉଥିବା ଅରବିନ୍ଦ ଦେଖିଲା। ସେ ମାଆଙ୍କୁ ପଚାରିଲା ଏହି ଟ୍ରେନରେ ସମସ୍ତେ କ'ଣ ଅଯୋଧ୍ୟା ଯାଉ ନାହାଁନ୍ତି। ସେ କହିଲେ, ରାମଙ୍କ ଠାରୁ ଯେ ଡ଼ାକରା ପାଇଛି ସେ ହିଁ ରାମଙ୍କ ବିଗ୍ରହକୁ ଦର୍ଶନ କରିବାକୁ ଯାଉଛି। ଜଣେ ସାଧୁ ପରି ଦିଶୁଥିବା ବ୍ୟକ୍ତି ଯେ କି ଅଯୋଧ୍ୟାକୁ ଯାଉଥିଲେ ସେ କହିଲେ ରାମ ହେଉଛନ୍ତି ପରମବ୍ରହ୍ମ ଓ ସେ ହେଉଛନ୍ତି ପରମ ତପ, ବ୍ରହ୍ମତତ୍ତ୍ୱ ଓ ବ୍ରହ୍ମତାରକ। ନନ୍ଦିନୀ ମହା ଚଗଲି। ସେ ପଚାରିଲା ଏ ଟ୍ରେନଟି ଏତେ ଅଙ୍କାବଙ୍କା ଚାଲୁଛି। ରାମ ଆମକୁ ନିମନ୍ତ୍ରଣ କରି ନାହାଁନ୍ତି। ତଥାପି ଆମେ ତାଙ୍କ ବିଗ୍ରହ ଦର୍ଶନ କରିବାକୁ ଯାଉଛୁ। ଅରବିନ୍ଦ ଓ ଉର୍ବୀ କହିଲେ ଆମ ମାନଙ୍କୁ ଟିକେ ରାମଙ୍କ ତତ୍ତ୍ୱ ବୁଝାଇ ଦିଅନ୍ତୁ।

ସେ କହିଲେ, ଭଗବାନ ଜାଜ୍ଜଲ୍ୟମାନ ହେଉଥିବା ଦେବତା ମାନଙ୍କ ଠାରୁ ମଧ୍ୟ ପୁରାତନ। ସେ ଜନ୍ମିତ ସତ୍ତା ଭାବେ ପୁରାତନ ଓ ପ୍ରଥମ। ଆମ ଭିତରେ ପ୍ରବାହିତ ଅମରତ୍ୱର ଶିରା ପ୍ରଶିରା ଭୌତିକ ଶରୀରରେ ବାସ କରୁଥିବା ଆଧ୍ୟାତ୍ମିକ ସତ୍ତା। ଆମର ଆତ୍ମା ଠାରୁ ଅଧିକ ଶାନ୍ତିପ୍ରଦ ସ୍ଥାନ ନାହିଁ। ତେଣୁ ଆତ୍ମୋପଲବ୍ଧି ନିର୍ବାଣ ପ୍ରାପ୍ତି। ତେଣୁ ତାଙ୍କର ଅନ୍ୟ ନାମ ଆତ୍ମାରାମ। ଟ୍ରେନଟି ରହି ଯାଇଥିବା ସମୟରେ ନନ୍ଦିନୀ ଟ୍ରେନର ସଫା ଗୃହକୁ ଯାଇଥିଲା। ସେ ଫେରିବା ସମୟରେ ଦେଖିଲା ତାର ଖାଇବାଟିକୁ ଗୋଟିଏ ମାଙ୍କଡ଼ ଝାମ୍ପି ନେଲା ଓ ତଳେ ଫିଙ୍ଗି ଦେଲା। ପ୍ଲାଟଫର୍ମରେ ବୁଲୁଥିବା କୁକୁର ଓ ପକ୍ଷୀମାନେ ତାକୁ ଖାଇଗଲେ। ନନ୍ଦିନୀ କାନ୍ଦିବାକୁ ଉଦ୍ୟତ ହେଉଥିବାବେଳେ କମଳଲୋଚନ କହିଲେ, ମୁଁ ଆର ଷ୍ଟେସନରେ ତୋ ପାଇଁ ଖାଇବା ଆଣିଦେବି। ନନ୍ଦିନୀ କହିଲା ଆଉ ଅଯୋଧ୍ୟା ଯିବା ନାହିଁ। ରାମ କ'ଣ କରିଥିଲେ କି ସେ ମୋର ଖାଇବା ଟିକକ ମଧ୍ୟ ବଞ୍ଚାଇ ପାରିଲେ ନାହିଁ। ପାଖରେ ବସିଥିବା ସାଧୁ ଜଣକ କହିଲେ, ରାମ ପୃଥିବୀ ଆଗରେ ପ୍ରମାଣ କରିଥିଲେ ଯେଉଁମାନେ ତାଙ୍କ ସନ୍ତାନଙ୍କୁ ଭଲ ପାଆନ୍ତି, ସେ ସେମାନଙ୍କୁ ରକ୍ଷା କରନ୍ତି। ପଶୁ, ପକ୍ଷୀ, ଋଷି, ମୁନୀ ସରଳ ବ୍ୟକ୍ତିତ୍ୱ ସତୀ ସାଧ୍ୱୀ ମାନଙ୍କୁ ସେ ଭଲ ପାଇଥିଲେ ଓ ରକ୍ଷା କରିଥିଲେ। ନନ୍ଦିନୀ ବୁଝିଗଲା ତାର ଖାଦ୍ୟ ମାଙ୍କଡ଼ ନେଇ ବିଞ୍ଚିଦେଲା ଓ ପଶୁ ପକ୍ଷୀମାନେ ଖାଇଗଲେ ତାହା ହିଁ ରାମଙ୍କର ଇଚ୍ଛା ଥିଲା। ସେ ସାଧୁଙ୍କୁ ପଚାରିଲା ରାମ କେଉଁଠି ରୁହନ୍ତି ? ସାଧୁ କହିଲେ ତୁମେ ଏପରି ଏକ ସ୍ଥାନ କୁହ ଯେଉଁଠାରେ ରାମ ନାହାଁନ୍ତି। ରାମଙ୍କୁ ଥରେ ଜଣେ ଋଷି କହିଥିଲେ, ଯେଉଁଠାରେ ଲୋକମାନଙ୍କର ଆଖି ତୁମର ଦର୍ଶନ ପାଇଁ ବ୍ୟଗ୍ର, କାନ ତୁମ ଗାଥା ଶୁଣିବାକୁ ବ୍ୟାକୁଳ, ଜିଭ ତୁମ କଥା କହିବାରେ ଆନନ୍ଦ ପାଏ, ଯେଉଁମାନେ ଭୋଜନ କରିବା ପୂର୍ବରୁ ବ୍ରହ୍ମାର୍ପଣ ବୋଲି ଖାଦ୍ୟ ଗ୍ରହଣ କରନ୍ତି, ସାଧୁସନ୍ଥ ମାନଙ୍କୁ ସମ୍ମାନ ଦିଅନ୍ତି। ଯେଉଁ ହାତ, ପୂଜା କରିବାରେ ବ୍ୟସ୍ତ, ପାଦରେ ଦିଅଁଙ୍କୁ ଦର୍ଶନ ପଇଁ ଆଗେଇ ଥାନ୍ତି। ତୁମ ପ୍ରତି ପ୍ରେମ କାମନା କରନ୍ତି, ସାଂସାରିକ ଧନକୁ ତୁଚ୍ଛ ମଣନ୍ତି, ନାରୀ ମାନଙ୍କୁ ଉଚିତ ସମ୍ମାନ ଦିଅନ୍ତି। ହୃଦୟ ଭିତରୁ ମନ୍ଦ ଗୁଣ ତ୍ୟାଗ କରନ୍ତି, ସର୍ବତ୍ର ଅନ୍ୟ ଦୁଃଖରେ ସମଦୁଃଖି ହୁଅନ୍ତି, ଆପଣ ସେଠାରେ ରୁହନ୍ତୁ।

ଅରବିନ୍ଦ ଦେଖିଲେ, ଅଯୋଧ୍ୟାକୁ ଯାଉଥିବା ଲୋକମାନେ ଲିଖିତ ଜପ ଧରି ରାମନାମ ଲେଖୁଛନ୍ତି। ଅରବିନ୍ଦ ପଚାରିଲା ସେମାନେ ଏପରି କାହିଁକି କରୁଛନ୍ତି ? ପାଖରେ ବସିଥିବା ସାଧୁ ଜଣକ କହଲେ, ରାମ ନାମ ଜଗତର ଶ୍ରେଷ୍ଠ ନାମ। ମହାତ୍ମାଗାନ୍ଧୀ ମୃତ୍ୟୁ ସମୟରେ ଶ୍ରୀରାମଙ୍କ ନାମ ଧରି ଦେହତ୍ୟାଗ କରିଥିଲେ। ତୁଳସୀ ଦାସ ରାମ ନାମ ତୁଣ୍ଡରେ ଧରିଥିବାରୁ ସେ ମହାନ। ହନୁମାନର ପ୍ରତ୍ୟେକ ଲୋମ ରାମ ନାମ ଉଚ୍ଚାରଣ କରୁଥିବାରୁ ସେ ଆଜି ସର୍ବତ୍ର ପୂଜିତ। ରାମନାମ ଲେଖୁଥିବା ସମୟରେ ଭକ୍ତ ଓ ଭଗବାନ ସେହି ସମୟରେ ଏକାକାର ହୋଇଥାନ୍ତି। ଶ୍ରୀରାମ ନାମ ଗୁଞ୍ଜରିତ ହେଉଥିବା କାନ ତାଙ୍କ ନିକଟକୁ ଯିବା ପାଇଁ ଏକ ନିମନ୍ତ୍ରଣ ପତ୍ର ସଦୃଶ। ସୁନ୍ଦର ପ୍ରକୃତିକୁ ଅନୁସରଣ କରିବା ପାଇଁ ରାମନାମ ମାଧ୍ୟମରେ ସେ ପ୍ରୋତ୍ସାହିତ କରନ୍ତି। ମନକୁ ବିଶ୍ଳେଷଣ କରିବାକୁ ସେ ବାର୍ତ୍ତା ଦିଅନ୍ତି। ମନରେ ଏକ ମାନଚିତ୍ର ଆଙ୍କନ୍ତି ଯେ ଅନ୍ତରରେ ତୁମେ ପରିକଳ୍ପନା କରିଥିବା ମୁକ୍ତି ଆଡ଼କୁ ତୁମେ ପ୍ରବାହିତା ରାମ ନାମ ଲେଖୁଥିବା ସମୟରେ ସମୟ କୁହେ ତୁମର ଆଉ କିଛି ପ୍ରାପ୍ତି କରିବାର ଅଛି ତାହା ହେଉଛି ମୋକ୍ଷ।

ନନ୍ଦିନୀ କହିଲା ବାପା କହୁଥିଲେ, ଭଗବାନ ନିରାକାର। ଆମକୁ ଅଯୋଧ୍ୟାକୁ ଆଣି ରାମଙ୍କ ବିଗ୍ରହ ବା ଆକାର ଦେଖାଇବାକୁ ଚାହୁଁଛନ୍ତି। ସାଧୁ ଜଣକ କହିଲେ ଭଗବାନ ନିରାକାର ଓ ସାକାର ମଧ୍ୟ। ତୁମେ ଯେଉଁଟିକୁ ଭଲ ପାଉଛ ତାହା ହିଁ ଠିକ। ସମୁଦ୍ରର ହିମ ପ୍ରବାହରେ ବରଫଖଣ୍ଡ ତିଆରି ହୁଏ ଓ ଗ୍ରୀଷ୍ମ ପ୍ରବାହରେ ମିଳାଇ ଯାଏ ସେହିପରି ଭକ୍ତର ଭକ୍ତିରେ ସେ ରୂପ ନିଅନ୍ତି ଓ ସେ ରୂପକୁ ତ୍ୟାଗ କରିଥାନ୍ତି। ଏହି ଜୀବନଟି ଗୋଟିଏ ପାନ୍ଥଶାଳା। ଟ୍ରେନଟି ଅଙ୍କାବଙ୍କା ରାସ୍ତା ଦେଇ ଯେପରି ଯାଉଛି ସେହିପରି ଜୀବନଟି ଅଙ୍କାବଙ୍କା ରାସ୍ତା ଦେଇ ଚାଲେ। କିନ୍ତୁ ଗନ୍ତବ୍ୟ ସ୍ଥଳ ଓ ଲକ୍ଷ୍ୟ ସ୍ଥଳ ଏକ। ସମୁଦ୍ର ତରଙ୍ଗରେ ଖେଳାଳୀ ଯେପରି ନିର୍ଭୟରେ ଖେଳେ ଲକ୍ଷ୍ୟଚ୍ୟୁତ ହୁଏନାହିଁ, ସେହିପରି ଭକ୍ତି ରସରେ ଶକ୍ତିପାଇ ଏକାଗ୍ର ଚିତ୍ତରେ ଶ୍ରୀରାମଙ୍କର ଦର୍ଶନ କରିବା ଉଚିତ। ଏହି ସମୟରେ ଟ୍ରେନଟି ଗନ୍ତବ୍ୟସ୍ଥଳରେ ପହଞ୍ଚି ଯାଇଥିଲା।

କମଳ ଲୋଚନ ଭାବୁଥିଲେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାର ବିନାଶ ନିଶ୍ଚିତ। ଉର୍ବୀ ଭାବୁଥିଲେ, ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ଧର୍ମର ବିଜୟ ହେବ। ଅରବିନ୍ଦ ଭାବିଲା ବନ୍ଧୁତ୍ୱର ପରାକାଷ୍ଠା ରାମ ଦେଖାଇଛନ୍ତି। ନନ୍ଦିନୀ ଭାବିଲା ରାମଙ୍କ ରୂପରୁ ଆରମ୍ଭ ହୋଇଛି ପତିପତ୍ନୀଙ୍କ ଭଲ ପାଇବା ଓ ସମାଜରେ ସୁସମ୍ପର୍କ କିପରି ପ୍ରତିଷ୍ଠା ହୋଇପାରିବ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ପକ୍ଷୀମାନେ 'ଭି' ଆକାରରେ ଉଡ଼ନ୍ତି କାହିଁକି



ଅପର୍ଣ୍ଣା ନାୟକ

ପିଲାମାନଙ୍କୁ ନେଇ ଆପଣ କେବେ ପକ୍ଷୀ ବିହାର ଯାଇଛନ୍ତି ? ବା ଆପଣଙ୍କ ଗାଁ ଗଣ୍ଡାରେ ପକ୍ଷୀମାନେ ଉଡି ଯାଉଥିବାର ଦୃଶ୍ୟ ବି ଆପଣ ଦେଖିଥିବେ। ଆପଣ ଗୋଟିଏ କଥା ଲକ୍ଷ୍ୟ ରଖିଥିବେ ଯେ ଏହି ପକ୍ଷୀମାନେ ଇଂରାଜୀ ଅକ୍ଷର 'ଭି' ଆକାରରେ ଉଡୁଥାନ୍ତି। ଅନେକଙ୍କ ପାଇଁ ଏହା ରହସ୍ୟମୟ ଓ ଉତ୍ସୁକତା ସୃଷ୍ଟି କରିଥାଏ। ପକ୍ଷୀମାନେ ଭି ଆକାରରେ ଉଡିବା ପଛରେ ଭିନ୍ନ ଭିନ୍ନ କାରଣ ଥିବା କୁହାଯାଏ। ଏହା ଉପରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ନାନା ଗବେଷଣା ବି କରିଛନ୍ତି। ଆଉ ଜଣାପଡ଼ିଛି ଯେ, ଏହି ଶେପରେ ରହି ଉଡିଲେ ପକ୍ଷୀମାନେ ସହଜରେ ଉଡିପାରନ୍ତି। ଏଭଳି ଉଡିବା ସମୟରେ ସବୁଠୁ ଆଗରେ ଥିବା ପକ୍ଷୀ ଅନ୍ୟ ପକ୍ଷୀଙ୍କୁ ଗାଇଡ଼ କରେ। ଲଣ୍ଡନ କଲେଜ ଅଫ ଭେଟେନାରୀର ପ୍ରଫେସର ଜେମ୍ସ ଉଶରଉଡ୍ କହନ୍ତି ପକ୍ଷୀମାନେ ଏଭଳି ଉଡିବା ଦ୍ୱାରା ପବନର ପ୍ରତିରୋଧ ଶକ୍ତି କମ ହୁଏ। ଅର୍ଥାତ ପକ୍ଷୀ ଗୁଡ଼ିକ ପଛକୁ ପଛ ରହିବା ଦ୍ୱାରା ସାମ୍ନାରେ ଥିବା ପକ୍ଷୀ ଯାହା ଦେଖିପାରନ୍ତି ପଛ ଚଢ଼େଇ ବି ତାହା ଦେଖିପାରନ୍ତି। ଫଳରେ ସେମାନଙ୍କୁ ସହଜରେ ଶିକାରୀ ଓ ବିପଦରୁ ରକ୍ଷା ପାଇବାରେ ସାହାଯ୍ୟ ମିଳିଥାଏ। ତା ସହ ଏଭଳି ଉଡିବା ଯୋଗୁ ପରସ୍ପର ସହ ଯୋଗାଯୋଗ କରିବା ବି ସହଜ ହୁଏ। ଆଉ ଗ୍ରୁପର ମୁଖ୍ୟଙ୍କୁ ଅନୁସରଣ କରିବା ସହଜ ହୁଏ। କିଛି ବୈଜ୍ଞାନିକ ଏହା ବି କୁହନ୍ତି ଯେ ଗ୍ରୁପ୍ ହୋଇ ଉଡୁଥିବା ଚଢ଼େଇଙ୍କ ଭିତରେ ଆଗରେ ଥିବା ଚଢ଼େଇ ଅନ୍ୟ ପକ୍ଷୀଙ୍କୁ ଲିଡ କରେ। ଯେବେ ସେ ଥକିଯାଏ ଅନ୍ୟ ଚଢ଼େଇମାନେ ବେଶି ଭି ଆକାରରେ ଉଡନ୍ତି ଯେଉଁମାନେ ଲମ୍ବା ଯାତ୍ରା କରିଥାନ୍ତି। ଖାସ କରି ପ୍ରବାସୀ ଚଢ଼େଇମାନେ ଭି ଆକାରରେ ଉଡି ହଜାର ହଜାର କିମି ବାଟ ଅତିକ୍ରମ କରିଥାନ୍ତି।

*ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ*

# ମ୍ୟୁନିକରେ ଜୟଶଙ୍କରଙ୍କ ଜବାବ



ସୌମେନ୍ଦ୍ର ଜେନା

ଜର୍ମାନୀର ମ୍ୟୁନିକ ସହରରେ ପ୍ରତିବର୍ଷ ବିଶ୍ୱନେତାମାନଙ୍କର ସୁରକ୍ଷା ସଂକ୍ରାନ୍ତୀୟ ମତ ଜାଣିବାକୁ ମ୍ୟୁନିକ ସୁରକ୍ଷା ଆଲୋଚନାର ଆୟୋଜନ କରାଯାଇଥାଏ। ଭାରତର ନେତା ଏଥିରେ ପ୍ରାୟତଃ ଯାଇଥାଆନ୍ତି । ଚଳିତବର୍ଷ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ଏହି ସୁରକ୍ଷା ଆଲୋଚନାରେ ଅଂଶଗ୍ରହଣ କରି ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପରି ସେ ମଧ୍ୟ ୟୁରୋପର ନେତାମାନଙ୍କୁ ସମାଲୋଚନା କରିବାକୁ ପଛାଇନାହାନ୍ତି । ଆଲୋଚନାରେ ୟୁରୋପୀୟ ରାଷ୍ଟ୍ରଗୁଡିକର ଦୋହରା ବିଚାର, ଦୋହରା ଚରିତ୍ରକୁ ସେ କଠୋର ସମାଲୋଚନା କରିବା ସହ ସେମାନଙ୍କ ଭ୍ରାନ୍ତଧାରଣାକୁ ଅଙ୍ଗୁଳି ଦର୍ଶାଇଛନ୍ତି । ଅତୀତ ଦିନମାନଙ୍କରେ ସେମାନଙ୍କ ମନରେ ଥିବା ଅହଂକାର ଭାବ ଯେପରି ଥିଲା ଏବେ ମଧ୍ୟ ସେହିପରି ରହିଥିବା କଥା ସେ କହିଛନ୍ତି । ୟୁରୋପର ରାଷ୍ଟ୍ରଗୁଡିକ ଯେମିତି ଅନ୍ୟରାଷ୍ଟ୍ରଗୁଡିକୁ ଦେଖୁଛନ୍ତି ଯଦି ସେମାନେ ସମାନ ଢଙ୍ଗରେ ଦେଖିବାକୁ ଆରମ୍ଭ କରିବେ ତେବେ ପରିସ୍ଥିତି ଜଟିଳ ହେବ ଏବଂ ସେମାନେ ତାହା ସହ୍ୟ କରିପାରିବେ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ ଦେଇ ସେ ବୁଝାଇ ଦେଇଛନ୍ତି ।

ଆଲୋଚନା ମାଧ୍ୟମରେ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ଜର୍ମାନୀର ମ୍ୟୁନିକ ସହରରେ ୧୯୬୩ରୁ ପ୍ରତିବର୍ଷ ମ୍ୟୁନିକ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି । ପୂର୍ବରୁ ଏହାର ନାମଥିଲା "ମ୍ୟୁନିକ କନ୍‌ଫରେନ୍ସ ଅନ୍ ସିକ୍ୟୁରିଟୀ ପଲିସି" । ଏଡୱାର୍ଡ ହେନରିକ ଭନ୍ କ୍ଲେଷ୍ଟ ସ୍କେମେନଜିନ ଥିଲେ ଏହାର ପ୍ରତିଷ୍ଠାତା । ଏବେ ଖ୍ରୀଷ୍ଟୋଫ ହେସଜେନ୍ ଏହାର ଅଧ୍ୟକ୍ଷ ରହିଛନ୍ତି । ପ୍ରତିବର୍ଷ ପ୍ରାୟ ୭୦ଟି ଦେଶରୁ ୩୫୦ରୁ ଅଧିକ ପ୍ରମୁଖ ବ୍ୟକ୍ତିତ୍ୱ ଏହି ସମ୍ମିଳନୀରେ ଯୋଗଦାନ କରି ବ ମାନ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ ଆହ୍ୱାନ ବିଷୟରେ ଆଲୋଚନା କରିଥାନ୍ତି । ଏହାର ପ୍ରତିନିଧିମାନଙ୍କ ମଧ୍ୟରେ ରାଷ୍ଟ୍ରମୁଖ୍ୟ, ସରକାରଙ୍କ ପ୍ରତିନିଧି, ଅନ୍ତରାଷ୍ଟ୍ରୀୟ ସଂଗଠନ, ମନ୍ତ୍ରୀ, ସାଂସଦ, ସେନାବାହିନୀର ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, ନାଗରିକ ସଂଗଠନ, ବାଣିଜ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥାନ୍ତି । ଜର୍ମାନୀ ଅନ୍ତର୍ଗତ ବାଭାରିଆସ୍ଥିତ ବେୟେରିଶ୍‌ଚର ହୋଫ୍ ହୋଟେଲରେ ପ୍ରତିବର୍ଷ ଫେବୃଆରୀ ମାସରେ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ନାଟୋ ସେକ୍ରେଟାରୀ ଜେନେରାଲ ଜେନ୍ସ ଷ୍ଟୋଲେଟେନବର୍ଗ ୨୦୨୫ରୁ ଏହାର ଅଧ୍ୟକ୍ଷ ରହିବେ ବୋଲି ଅକ୍ଟୋବର ୨୦୨୪ରେ ନିଷ୍ପ ି ହୋଇଥିଲା । ୨୦୨୨ରୁ ଜର୍ମାନୀର କୂଟନୀତିଜ୍ଞ ଖ୍ରୀଷ୍ଟୋଫ ହେସଜେନ୍ ଏହି ସମ୍ମିଳନୀର ନେତୃତ୍ୱ ନେଇଆସିଛନ୍ତି । ସେ ଜର୍ମାନୀର ରାଷ୍ଟ୍ରଦୂତ ଭାବେ ଜାତିସଂଘର ନିଉୟର୍କ କାର୍ଯ୍ୟାଳୟଠାରେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଜର୍ମାନୀର ପୂର୍ବତନ ଶାସନମୁଖ୍ୟ ଏଞ୍ଜେଲା ମାର୍କେଲଙ୍କ ବିଦେଶନୀତି ଏବଂ ସୁରକ୍ଷା ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିଥିଲେ । ୧୯୮୦ରେ ସେ ଗାଲେନ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କଲାପରେ ହେସଜେନ୍ ପଶ୍ଚିମ ଜର୍ମାନୀର କୂଟନୀତିକ ସେବାରେ ଯୋଗଦାନ କରିଥିଲେ । ବ୍ରୁସେଲ୍ସଠାରେ ଥିବା ୟୁରୋପୀୟ କାର୍ଯ୍ୟାଳୟରେ ଜର୍ମାନୀର ପ୍ରତିନିଧି ଭାବେ ୧୯୯୯ ରୁ ୨୦୦୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

ମ୍ୟୁନିକ ସୁରକ୍ଷା ସମ୍ମିଳନୀରେ ନାଟୋ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି, ୟୁରୋପୀୟ ସଂଘ, ଚୀନ, ଆମେରିକା, ଜାପାନ,ଭାରତ, ଇରାନ, ଦକ୍ଷିଣ କୋରିଆ, ରୁଷିଆର ପ୍ରତିନିଧିଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥାଏ । ଏହି ସମ୍ମିଳନୀ ମୂଳତଃ ବେସରକାରୀ ସ୍ତରରେ ଆୟୋଜିତ ହୋଇଥାଏ । ଜର୍ମାନୀ ସରକାରଙ୍କର ଏଥିରେ ବିଶେଷ ଭୂମିକା ନଥାଏ । ଚଳିତବର୍ଷ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଯୋଗଦାନ କରି ନିଜର ରୋକଠୋକ୍ ଜବାବ ରଖିଥିଲେ, ଯାହା ଏବେ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କାରଣ ଆମେରିକାର ଉପରାଷ୍ଟ୍ରପତି ୟୁକ୍ରେନ ଯୁଦ୍ଧ ମାମଲାରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ସମାଲୋଚନା କରିବା ସହ ସେମାନେବିଦେଶୀଙ୍କ ଅନୁପ୍ରବେଶ ପାଇଁ ଯେପରି ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ତାହା ସେମାନଙ୍କ ପାଇଁ ଆଗାମୀ ଦିନରେ ସମସ୍ୟାର ମୂଳକାରଣ ହେବ ବୋଲି କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଏଲନ ମସ୍କ ମଧ୍ୟ ଏହି ବିଷୟରେ କଠୋର ମନ୍ତବ୍ୟ ଦେଇସାରିଛନ୍ତି । ୟୁରୋପୀୟ ରାଷ୍ଟ୍ରଗୁଡିକର ଇସଲାମୀକରଣ, ସରିୟାକରଣ, ବ୍ରିଟେନରେ ସେକ୍ସ ଜିହାଦ, ଇସଲାମିକ ଜିହାଦି ଗୋଷ୍ଠୀଗୁଡିକର କାର୍ଯ୍ୟକଳାପ ଯୋଗୁ ୟୁରୋପ ଆଉ ଏକ ସଂଘର୍ଷର ସମ୍ମୁଖୀନ ହୋଇଥିବା କଥା ସେ କହିଥିଲେ । ସାଂସ୍କୃତିକ ଭିନ୍ନତା ଏବଂ ଜିହାଦି ମାନସିକତା ଯୋଗୁ ଯେମିତି ଇସ୍ରାଏଲ ପାଲେଷ୍ଟାଇନରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହୋଇପାରୁନାହିଁ ସେମିତି ୟୁରୋପରେ ମୁସଲିମ ଜିହାଦି ଅନ୍ୟମାନଙ୍କୁ ଶାନ୍ତିରେ ରଖାଇଦେବେ ନାହିଁ ବୋଲି ମସ୍କ ପରୋକ୍ଷରେ ପ୍ରକାଶ କରିସାରିଛନ୍ତି । ବିଗତ ଦିନମାନଙ୍କରେ ୟୁରୋପର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଜିହାଦି ଆକ୍ରମଣ, ଗାଡି ଚଢାଇ ହତ୍ୟା, ପୋଡାଜଳା, ଲୁଟତରାଜ, କୋରାନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ହତ୍ୟା, ମହମ୍ମଦଙ୍କ କାର୍ଟୁନ ଆଙ୍କିଥିବା ଯୋଗୁ ହତ୍ୟା,ଶ୍ରେଣୀ ଗୃହ ମଧ୍ୟରେ ଶିକ୍ଷକଙ୍କୁ ଆକ୍ରମଣ, ହିଜାବ ପିନ୍ଧିବା ପାଇଁ ଦାବି ପରି ଅନେକ ଘଟଣା ଦୃଷ୍ଟିକୁ ଆସିଛି । ଅଷ୍ଟ୍ରେଲିଆରେ ପାଲେଷ୍ଟାଇନ ଶରଣାର୍ଥୀଥିବା ଜଣେ ଡାକ୍ତର ଏବଂ ନର୍ସ କିପରି ଜଣେ ଇସ୍ରାଏଲୀ ରୋଗୀକୁ ହତ୍ୟାକରିବା ପାଇଁ ସୋସିଆଲ ମିଡିଆରେ ଘୋଷଣା କରିଥିଲେ ତାହା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଅତୀତରେ ଅଣମୁସଲିମ ରୋଗୀମାନଙ୍କୁ ସଂପୃକ୍ତ ନର୍ସଜଣକ ହତ୍ୟାକରିଥିବା ଘଟଣା ମଧ୍ୟ ଅନୁସନ୍ଧାନରୁ ଦୃଷ୍ଟିକୁ ଆସିଲାଣି । ତେଣୁ ମୁସଲିମ ନର୍ସ ଏବଂ ଡାକ୍ତରମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ୟୁରୋପର ଡାକ୍ତରଖାନାଗୁଡିକ ଏବେ ଚିନ୍ତାରେ ପଡିଛନ୍ତି । ଜିହାଦି ଗୋଷ୍ଠୀଗୁଡିକ ମୁସଲିମ ଡାକ୍ତର ଏବଂ ନର୍ସଙ୍କ ମାଧ୍ୟମରେ ଅଣମୁସଲିମଙ୍କୁ ହତ୍ୟା କରିବାକୁ ଯୋଜନା କରୁଥିବା ଜଣାପଡିଛି । ବ୍ରିଟେନରେ କାର୍ଯ୍ୟରତ ଜଣେ ମୁସଲିମ ମହିଳା ଡାକ୍ତର କିପରି ପାଲେଷ୍ଟାଇନ ହାମାସକୁ ସମର୍ଥନ କରି ଇସ୍ରାଏଲୀଙ୍କୁ ଘୃଣା କରୁଛନ୍ତି ତାହା ପ୍ରକାଶ କରିଛନ୍ତି । କେରଳର ଅନେକ ମୁସଲିମ ନର୍ସ ଭାରତର ଡାକ୍ତରଖାନାଗୁଡିକରେ ନିଯୁକ୍ତ ଥିବାବେଳେ ଏହି ସମସ୍ୟା ମଧ୍ୟ ଜଟିଳ ହେବାର ସମ୍ଭାବନା ରହିଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଜର୍ମାନୀର ରାଷ୍ଟ୍ରବାଦୀ ବିରୋଧୀ ଦଳର ପ୍ରତିନିଧିଙ୍କୁ ସାକ୍ଷାତ କରିବା ପରେ ରାଜନୈତିକ ଉଷ୍ମତା ବଢିଛି । ଚଳିତ ଫେବୃଆରୀ ୨୩ରେ ଜର୍ମାନୀରେ ନିର୍ବାଚନ ହେବାକୁ ଯାଉଥିବା ହେତୁ ରାଷ୍ଟ୍ରପତି ସ୍କଲଜଙ୍କ ବିରୋଧୀ ଏଏଫଡି ଦଳର ପ୍ରତିନିଧିଙ୍କୁ ଭାନ୍ସ ଭେଟିବା ଗାତ୍ରଦାହର କାରଣ ହୋଇଛି । ୟୁରୋପର ନେତାମାନେ ୟୁକ୍ରେନ ମାମଲା ଆଲୋଚନା କରିବାକୁ ଯୋଜନା କରୁଥିଲା ବେଳେ ଟ୍ରମ୍ପ ପ୍ରଶାସନର ମସ୍କ ଓ ଭାନ୍ସ ଯୋଡି ଯେମିତି ଏକପ୍ରକାର ୟୁରୋପରେ ନିଆଁ ଲଗାଇ ଦେଇଛନ୍ତି କହିଲେ ଠିକ୍ ହେବ । ଠିକ୍ ସେମିତି ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ମଧ୍ୟ ଆଲୋଚନା କାଳରେ ୟୁରୋପୀୟ ନେତାମାନଙ୍କର ସୀମିତ ଦୃଷ୍ଟିକୋଣକୁ ସମାଲୋଚନା କରିବାକୁ ଭୁଲି ନଥିଲେ । ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଯେପରି ବୟାନବାଜି କରୁଛନ୍ତି ଜୟଶଙ୍କର ତାର କଠୋର ସମାଲୋଚନା କରିଥିଲେ । ସେ କହିଥିଲେ ଭାରତ ପୃଥିବୀର ସବୁଠୁ ବଡ ଦେଶ । ଭାରତର ଜନସାଧାରଣ ଗଣତନ୍ତ୍ରରେ ବିଶ୍ୱାସ କରିଆସିଛନ୍ତି । ତେଣୁ ପୂର୍ବାପେକ୍ଷା ଏବେ ଅଧିକରୁ ଅଧିକ ଲୋକ ଭୋଟ ଦେବାକୁ ଆସୁଛନ୍ତି । ନିକଟରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟଦେଇଥିବା ଜୟଶଙ୍କର ନିଜ ଆଙ୍ଗୁଠି ଦେଖାଇ ନିର୍ବାଚନର କାଳିଦାଗ ଏବେ ବି ଅଛି ବୋଲି କହିଥିଲେ । ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ସଙ୍କଟରେ ନଥିବା ସମୟରେ ୟୁରୋପୀୟ ରାଷ୍ଟ୍ରଗୁଡିକ ଏବଂ ସେମାନଙ୍କ କୂଟନୀତିଜ୍ଞମାନେ ଯେପରି ଏହାକୁ ଏକ ବିଷୟ ଭାବେ ଗ୍ରହଣକରି ଭାରତର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି ଜୟଶଙ୍କର ତା'ର ସମାଲୋଚନା କରିଥିଲେ । ସମାନ କାର୍ଯ୍ୟ କରିବାକୁ ୟୁରୋପୀୟ ରାଷ୍ଟ୍ରଗୁଡିକରେ ନିଯୁକ୍ତ ଭାରତର ରାଷ୍ଟ୍ରଦୂତମାନଙ୍କୁ କୁହାଗଲେ ଆପଣମାନେ ଗ୍ରହଣ କରିବେକି ବୋଲି ସେ ପାଲଟା ପ୍ରଶ୍ନ ପଚାରି ସମସ୍ତଙ୍କ ପାଟି ବନ୍ଦ କରି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋର୍ଟଙ୍କ ରାୟ ଯୋଗୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦୁର୍ନୀତି ଅଭିଯୋଗରେ ଜେଲକୁ ଯିବାପରେ ଭାରତରେ ନିଯୁକ୍ତ କିଛି ୟୁରୋପର ରାଷ୍ଟ୍ରଦୂତ ସେହି ମାମଲାର ସମାଲୋଚନା କରିଥିଲେ । ଭାରତର ଅଦାଲତର ରାୟକୁ ସମ୍ମାନ ଦେଉନଥିବା ବିଦେଶୀ କୂଟନୀତିଜ୍ଞଙ୍କୁ ନୂଆଦିଲ୍ଲୀର ବୈଦେଶିକ ବିଭାଗର କାର୍ଯ୍ୟାଳୟ ପକ୍ଷରୁ ସମନ ଜାରି କରାଯାଇ ଚେତାବନୀ ଦିଆଯାଇଥିଲା । ଠିକ୍ ସେମିତି କାଶ୍ମୀରର ନିର୍ବାଚନ ଜାରିଥିବା ସମୟରେ କେତେକ ୟୁରୋପୀୟ କୂଟନୀତିଜ୍ଞ କାଶ୍ମୀରକୁ ଗସ୍ତକରି ସେଠାରେ ମୁସଲିମନେତାମାନଙ୍କୁ ସାକ୍ଷାତ କରିଥିଲେ । ସେ ସମୟରେ ଭାରତ ସରକାର ତାକୁ ବିରୋଧ କରିଥିଲେ । ଏହାଛଡା ଋଷୀ ଆନ୍ଦୋଳନ ସମୟରେ ବିଦେଶୀ କୂଟନୀତିଜ୍ଞମାନେ ଆନ୍ଦୋଳନକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ଦେଖାଯାଇଥିଲା । ମଣିପୁର ମାମଲାରେ ମଧ୍ୟ ବିଦେଶୀ ପର୍ଯ୍ୟଟକମାନେ ଏବଂ କୂଟନୀତିଜ୍ଞମାନେ ହସ୍ତକ୍ଷେପ କରିବା ଦୃଷ୍ଟିକୁ ଆସିଥିଲା । କେବଳ ସେତିକି ନୁହେଁ ଭାରତର ରାଜନୀତିକୁ ପ୍ରଭାବିତ କରିବା ପାଇଁ ଅତୀତରେ ହଜାର ହଜାର କୋଟିର ସହାୟତା ଭାରତକୁ ଆମେରିକା ଏନ୍‌ଜିଓଗୁଡିକ ମାଧ୍ୟମରେ ପଠାଇଥିବା ଏବଂ କେବଳ ଜୋ ବାଇଡେନଙ୍କ ଶାସନର ଚରିବର୍ଷରେ ଅନେକ ଅର୍ଥ ସରକାର ବଦଳାଇବା ପାଇଁ ଆସିଥିବା ବିଷୟ ଏବେ ଖୋଦ୍ ଏଲନ୍ ମସ୍କ ଆମେରିକାର ସରକାରୀ ଦଲିଲ କାଢି ଦର୍ଶାଇଛନ୍ତି । ମୋଦି ବିରୋଧୀ ବାଇଡେନ ପ୍ରଶାସନ ଏବଂ ତାଙ୍କ ଅଧିକାରୀ ଡୋନାଲଡ ଲୁ ଏଥିପାଇଁ କେତେ ପ୍ରୟାସ କରିଥିଲେ ତାହା ପୂର୍ବରୁ ରାଜନୈତିକ ବିଷୟ ହୋଇଥିଲା । ଏପରିକି ଖୋଦ୍ ଲୁ ଲୋକସଭା ନିର୍ବାଚନ କାଳରେ ମଧ୍ୟ ଦୁଇଦିନ ପାଇଁ ନୂଆଦିଲ୍ଲୀରେ ରହି ଷଡଯନ୍ତ୍ରରେ ସାମିଲ ହୋଇଥିଲେ । ତାଙ୍କ ମାର୍ଗଦର୍ଶନରେ ନିର୍ବାଚନ କାଳରେ ବିରୋଧୀ ପକ୍ଷ ଠିକ୍ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ପ୍ରଚାର ହେବା ପରି ଗଣତନ୍ତ୍ର ଓ ସମ୍ବିଧାନକୁ କେନ୍ଦ୍ର କରି ଭୋଟରଙ୍କ ମନରେ ଆଶଙ୍କା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । ସଂରକ୍ଷଣକୁ ସରକାର ହଟାଇ ଦେବେ ବୋଲି ପ୍ରଚାର ମଧ୍ୟ ହୋଇଥିଲା । ଆଗାମୀ ଦିନରେ ଖର୍ଚ୍ଚ ପାଇଁ ଥିବା ଅର୍ଥକୁ ଏବେ ଟ୍ରମ୍ପ ପ୍ରଶାସନ ହଟାଇନେବା ସହ ଭାରତ-ଭଙ୍ଗା ଅଭିଯାନ ଷଡଯନ୍ତ୍ରକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି । ପାଶ୍ଚାତ୍ୟର ମିଛ ଏବଂ ପ୍ରତାରଣା ଉପରେ ଜୟଶଙ୍କର କହିବା ସହ ଦୋମୁହାଁ ନୀତିର ସମାଲୋଚନା କରିଥିଲେ । ପ୍ରତ୍ୟେକ ଦେଶରେ ମୁଖ୍ୟଧାରା ରାଜନୀତି ରହିଥିବାବେଳେ ମିଛ କହୁଥିବା ଲୋକେ ମଧ୍ୟ ରହିଥାନ୍ତି । ଏହି ମିଛୁଆ ଲୋକମାନଙ୍କୁ ଅର୍ଥ ପ୍ରଦାନ କରି ମିଛୁଆ ଗଣତନ୍ତ୍ର ଛିଡା କରିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଉଦ୍ୟମ କରୁଥିବା ବିଷୟ ପ୍ରକାଶ କରିଛନ୍ତି ଜୟଶଙ୍କର । ଜୟଶଙ୍କରଙ୍କ ଏହି ରୋକ୍‌ଠୋକ୍ ଜବାବ ରୁଷିଆଠାରୁ ଆମେରିକା ପର୍ଯ୍ୟନ୍ତ ସବୁଠି ପ୍ରମୁଖ ଗଣମାଧ୍ୟମରେ ସ୍ଥାନ ପାଇଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବିଶ୍ୱତ୍ରାଣ ସତ୍ୟସାଇ



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ସନାତନ ଧର୍ମରେ ଯଜ୍ଞ ପରମ୍ପରା



ଅଲେଖ ଚନ୍ଦ୍ର ସାମଲ

ସନାତନ ହିନ୍ଦୁଧର୍ମରେ ଯଜ୍ଞର ପରମ୍ପରା ବହୁ ପ୍ରାଚୀନ କାଳରୁ ଚାଲିଆସୁଛି। ମନୋସ୍କାମନା ପୂରଣ ପାଇଁ କିମ୍ବା କୌଣସି ଖରାପ ଘଟଣାକୁ ଟାଳିବା ଲାଗି ଯଜ୍ଞ କରାଯାଇଥିବାର ଅନେକ ପ୍ରସଙ୍ଗ ପୁରାଣରେ ବର୍ଣ୍ଣିତ। ରାମାୟଣ ଏବଂ ମହାଭାରତରେ ଅନେକ ମହାନ ରାଜାଙ୍କ ବିଷୟରେ ବର୍ଣ୍ଣନା ରହିଛି, ଯେଉଁମାନେ ମହାପ୍ରଭାବଶାଳୀ ଯଜ୍ଞ ସମ୍ପନ୍ନ କରାଇଥିଲେ। ଦେବଗଣଙ୍କୁ ପ୍ରସନ୍ନ କରିବା ଲାଗି ଯଜ୍ଞ କରାଯାଇଥାଏ। ତେବେ ଆସନ୍ତୁ ଜାଣିବା କେତୋଟି ପ୍ରମୁଖ ଯଜ୍ଞ ଏବଂ ତତ୍‌ସହିତ ଜଡ଼ିତ ବିଜ୍ଞାନ ଏବଂ କାରଣ ବିଷୟରେ।

ପୁତ୍ରେଷ୍ଟି ଯଜ୍ଞ : ଏହି ଯଜ୍ଞ ପୁତ୍ର ପ୍ରାପ୍ତି ନିମନ୍ତେ କରାଯାଇଥାଏ। ମହାରାଜ ଦଶରଥ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ। ଯାହାର ପରିଣାମ ସ୍ୱରୂପ ସେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସମେତ ୪ ପୁତ୍ରଙ୍କ ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଋଷି ଋଷ୍ୟଶୃଙ୍ଗ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ।

ଅଶ୍ୱମେଧ ଯଜ୍ଞ : ଚକ୍ରବର୍ତ୍ତୀ ସମ୍ରାଟ ହେବା ଲାଗି ଏହି ଯଜ୍ଞର ଆୟୋଜନ କରାଯାଇଥାଏ। ଏହି ଯଜ୍ଞ ଆୟୋଜନ କରୁଥିବା ରାଜା ନିଜର ଏକ ଅଶ୍ୱ ବା ଘୋଡାକୁ ଅନ୍ୟ ରାଜ୍ୟକୁ ପ୍ରେରଣ କରିଥାଏ। ଯଦି ଘୋଡା ସବୁ ରାଜ୍ୟ ବୁଲି ଫେରିଆସେ ତେବେ ସେ ସବୁ ରାଜ୍ୟର ରାଜାଙ୍କୁ ଘୋଡ଼ା ପଠାଇଥିବା ରାଜାଙ୍କ ଶରଣାଗତି ସ୍ୱୀକାର କରିବାକୁ ପଡ଼ିଥାଏ। ଯଦି କୌଣସି ରାଜା ଅଶ୍ୱମେଧ ଯଜ୍ଞର ଘୋଡ଼ାକୁ ଅଟକାଇ ଦିଅନ୍ତି ତେବେ ଘୋଡ଼ା ପଠାଇଥିବା ରାଜାଙ୍କ ସହ ତାଙ୍କର ଯୁଦ୍ଧ ହୋଇଥାଏ। ଏଥିରେ ବିଜୟୀ ହେଲେ ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ସମ୍ରାଟ ଘୋଷିତ ହୋଇଥାନ୍ତି। ଶହେଥର ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ଇନ୍ଦ୍ରପଦ ପ୍ରାପ୍ତ କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ରାଜସୂୟ ଯଜ୍ଞ : ନିଜର କିର୍ତ୍ତୀ ଏବଂ ରାଜ୍ୟର ସୀମା ବିସ୍ତାର କରିବା ଲାଗି ରାଜାଙ୍କ ଦ୍ୱାରା ଏହି ଯଜ୍ଞ କରାଯାଇଥାଏ। ଏହି ଯଜ୍ଞ ପରମ୍ପରା ଅଧୀନରେ ଜଣେ ରାଜା ନିଜେ କିମ୍ବା ନିଜର ଅନୁଗାମୀ ମାନଙ୍କୁ ଅନ୍ୟ ରାଜ୍ୟରୁ ଧନ ଆଦି ସଂଗ୍ରହ କରିବା ନିମନ୍ତେ ପଠାଇଥାଏ। ସହଜରେ ବା ମିତ୍ରତାପୂର୍ଣ୍ଣ ଭାବରେ ଧନ ପ୍ରଦାନ କଲେ ଉତ୍ତମ, ନଚେତ୍ ଧନ କିମ୍ବା ଉପହାର ଦେଉନଥିବା ରାଜାଙ୍କ ଉପରେ ଆକ୍ରମଣ କରି ରାଜସୂୟ ଯଜ୍ଞ କରୁଥିବା ରାଜା ବଳପୂର୍ବକ ସମ୍ପତ୍ତି ଅସୁଲ କରିଥାଏ।

ବିଶ୍ୱଜିତ୍ ଯଜ୍ଞ : ବିଶ୍ୱ ବିଜୟ ଉଦ୍ଦେଶ୍ୟ ନେଇ ବିଶ୍ୱଜିତ୍ ଯଜ୍ଞ କରାଯାଇଥାଏ। ଏହା ସମସ୍ତ କାମନା ପୂରଣ କରିଥାଏ। ଶ୍ରୀରାମଙ୍କ ପୂର୍ବଜ ମହାରାଜ ରଘୁ ଏହି ଯଜ୍ଞ ଆୟୋଜନ କରିଥିଲେ। ବେଦ ଏବଂ ଅନ୍ୟ ଧର୍ମ ଶାସ୍ତ୍ରରେ ଯଜ୍ଞର ମହିମା ବର୍ଣ୍ଣିତ। ଯଜ୍ଞ ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାନ୍ତି। ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ମନୁଷ୍ୟ ସହିତ ଯଜ୍ଞର ରଚନା କରିଥିଲେ ଏବଂ ମନୁଷ୍ୟକୁ କହିଥିଲେ, ଯଜ୍ଞ ଦ୍ୱାରା ତୁମର ପ୍ରତ୍ୟେକ ଇଚ୍ଛା ଏବଂ ଆବଶ୍ୟକତା ପୂରଣ କରିବ। ତୁମେ ଯଜ୍ଞ ଦ୍ୱାରା ଦେବଗଣଙ୍କୁ ଖୁସି କର, ସେମାନେ ତୁମର ଉନ୍ନତି କରିବେ। ଶାସ୍ତ୍ର କୁହେ, ଯଜ୍ଞ ମାଧ୍ୟମରେ ସମସ୍ତ ମନୋସ୍କାମନା ପୂରଣ ହୋଇପାରେ। ଧନପ୍ରାପ୍ତି, କର୍ମର ପ୍ରାୟଶ୍ଚିତ, ଅନିଷ୍ଟ ରୋକିବା, ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳାଇବା, ରୋଗ ନିବାରଣ ନିମନ୍ତେ ଯଜ୍ଞର ବିଧାନ ହୋଇଛି। ଦେବତାଙ୍କୁ ପ୍ରସନ୍ନ କରିବା ସହ ଇଚ୍ଛାନୁଯାୟୀ ବର ଲାଭ କରିବା ଲାଗି ମଧ୍ୟ ଯଜ୍ଞ କରାଯାଏ। ଗାୟତ୍ରୀ ଉପାସନାରେ ମଧ୍ୟର ଯଜ୍ଞର ଆବଶ୍ୟକତା ରହିଛି। ଗାୟତ୍ରୀଙ୍କୁ ମାତା ଏବଂ ଯଜ୍ଞଙ୍କୁ ପିତା ବୋଲି କୁହାଯାଇଛି। ଏହାଙ୍କ ସଂଯୋଗ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଜନ୍ମ ହୋଇଥାଏ। ଏହି ଲେଖକ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗର ଜଣେ ପଦସ୍ଥ ଅଫିସର ଭାବେ ନିଷ୍ଠାର ସହ କର୍ତ୍ତବ୍ୟ ସାଧନ ପରେ ନିଜ ଜନ୍ମମାଟି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମରେ ଆଧ୍ୟାତ୍ମିକ ଓ ସମାଜ ସେବା ସହ ନିଜକୁ ନିୟୋଜିତ ରଖିଥିବାବେଳେ ବାରବାଟୀ ଯଜ୍ଞ ଅନୁଷ୍ଠାନ ଗଠିତ ହୋଇ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ସେବା କାର୍ଯ୍ୟକୁ ଏହି ଅନୁଷ୍ଠାନ ପ୍ରେରଣା ଯୋଗାଉଛି ଯାହା ଫଳରେ ପ୍ରତିବର୍ଷ ଯଜ୍ଞାନୁଷ୍ଠାନ ବିପୁଳ ଆନନ୍ଦ ଉଲ୍ଲାସ ସହକାରରେ ଅନୁଷ୍ଠିତ ହେଉଛି। ଆଜି ଶ୍ରୀ ଯଜ୍ଞବରାହଙ୍କ ଜନ୍ମତିଥିରେ ବିଶ୍ୱର କଲ୍ୟାଣ ହେଉ, ସମସ୍ତ ଜନସାଧାରଣଙ୍କର ଉତ୍ତରୋତ୍ତର ମଙ୍ଗଳ ହେଉ ଏହା ହିଁ ପ୍ରାର୍ଥନା ଓ କାମନା।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

PARYABEKHYAK




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨, ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯, ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ଚିତରଞ୍ଜନ ବାରିକ, ନିରଞ୍ଜନ ପଣ୍ଡା, ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା, (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଲଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ୍ୟ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ, (ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିଂହ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା, (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ' ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ଫର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା, (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ଫର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ଫର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷ ନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ଫର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ଫର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ଫର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ୍ୟ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ଫରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ୍ୟ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ମିଳିବ ଆବର୍ଜନାରୁ ମୁକ୍ତି !



ବିଶ୍ୱ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ପରିବେଶ ପ୍ରଦୂଷଣ। ଏହାକୁ ନେଇ ଅନେକ ନୀତି ପ୍ରଣୟନ ହେଉଛି। ବିଶ୍ୱ ନେତାମାନେ ଆପୋଷ ଆଲୋଚନା ଜାରି ରଖିଛନ୍ତି। ହେଲେ ନୀତିର କାର୍ଯ୍ୟକାରିତାର ସୁଫଳ ଦେଖିବାକୁ ମିଳୁନାହିଁ। ପ୍ରତିଟି ଦେଶ କେବଳ ନିଜ ସ୍ୱାର୍ଥ ପାଇଁ ପଦକ୍ଷେପ ନେଉଥିଲା ବେଳେ ଏହା ଯେ, ବଡ଼ ସଂକଟକୁ ଦୂର କରିବ ତାହା ଭାବିବା ଭୁଲ। ପ୍ରତିଟି ଦେଶ ଯେ ପର୍ଯ୍ୟନ୍ତ ଏହି ସମସ୍ୟାକୁ ହୃଦ୍‌ବୋଧ କରିନାହାଁନ୍ତି ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ ନାହିଁ। ଏହି କ୍ରମରେ ଭାରତ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାସ୍ତାରୁ ପୁରୁଣା ଗାଡ଼ି ହଟାଇବାର ନିଆଯାଇଛି ନିଷ୍ପତ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ପୁଣି ଥରେ ଦୋହରାଇଛନ୍ତି ଯେ, ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିକୁ କବାଡ଼ିକୁ ଦିଆଯିବ। ଅର୍ଥାତ୍ ୧୫ ବର୍ଷର ପୁରୁଣା ଗାଡ଼ି ବ୍ୟବହାର ହୋଇପାରିବ ନାହିଁ। ସେହିପରି ରାସ୍ତାରେ ମଧ୍ୟ ୧୦ ବର୍ଷର ପୁରୁଣା ବ୍ୟାବସାୟିକ ଯାନ, ୧୫ ବର୍ଷର ପୁରୁଣା ଘରୋଇ ପାସେଞ୍ଜର ଯାନ ଗଡ଼ିବ ନାହିଁ। ଯଦି ଏହା ଗଡ଼ିବ ତେବେ ମାଲିକମାନଙ୍କୁ ଦେବାକୁ ହେବ ଫିଟନେସ ପରୀକ୍ଷା। ଏହା ବାଧ୍ୟତାମୂଳକ। ପରୀକ୍ଷାରେ ଫେଲ ହେଲେ ଯିବ କବାଡି ଥାନାକୁ। ସେହିପରି ଲୁଚାଚୋରାରେ ପୁରୁଣା ଗାଡ଼ି ଚଳାଇଲେ ଧରାପଡ଼ିଲେ ଦେବାକୁ ହେବ ଜରିମାନା। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏବେ ଇଲେକ୍ଟ୍ରିକ ଯାନ ଉପରେ ସରକାର ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାଦ୍ୱାରା ବାୟୁ ପ୍ରଦୂଷଣର ସମ୍ଭାବନା ନାହିଁ। ସେହିପରି ଇଥାନଲ ମିଶ୍ରିତ ଇନ୍ଧନ ଉପରେ ଜୋର ଦିଆଯାଉଛି। ଯାହାଦ୍ୱାରା ଗାଡ଼ିରୁ ବାହାରୁଥିବା ଧୂଆଁ ପରିବେଶକୁ ଅଧିକ କ୍ଷତି ପହଞ୍ଚାଇବ ନାହିଁ। ବର୍ତ୍ତମାନ ଯେଉଁସବୁ ପୁରୁଣା ଗାଡ଼ି ଚାଲୁଛି ତାହା ପରିବେଶ ପାଇଁ




କ୍ଷତିକାରକ। ତେଣୁ ଏହାକୁ ସ୍କ୍ରାପ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ନିଜର ପୁରୁଣା ଗାଡ଼ିକୁ ହରାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ନୂଆ ନୀତିରେ ଦିଆଯାଇଛି ସୁବିଧା। ଗାଡ଼ିର ସ୍କ୍ରାପ ମୂଲ୍ୟ ବାବଦରେ ବ୍ୟକ୍ତିବିଶେଷଙ୍କୁ ନୂଆ ଗାଡ଼ି ସମୟରେ ରୋଡ ଟ୍ୟାକ୍ସରୁ ମଧ୍ୟ ରିହାତି ଦିଆଯିବ। କିଛି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ମଧ୍ୟ ଆରମ୍ଭ କଲେଣି। ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପ୍ରୋତ୍ସାହନର ଘୋଷଣା ମଧ୍ୟ ଦିଆଗଲାଣି। ପୁରୁଣା ଗାଡ଼ି ହଟିବା ନିଷ୍ପତ୍ତି ନିଆଯାଇଥିବାରୁ ଏବେ ଗାଡ଼ି ନିର୍ମାତାମାନେ ମଧ୍ୟ ବାଧ୍ୟରେ ପରିବେଶ ଅନୁକୂଳ ଗାଡ଼ି ତିଆରି ଉପରେ ଅଧିକ ଗୁରୁତ୍ୱ ଦେବେ। ଦେଶର ସ୍ୱାର୍ଥ ଓ ବଦଳୁଥିବା ପରିବେଶକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେବା ଯେତିକି ଦରକାର ତା'ଠାରୁ ଅଧିକ ଦାୟିତ୍ୱ ହେଉଛି ସାଧାରଣ ଲୋକଙ୍କର। ପୁରୁଣା ଗାଡ଼ି ପ୍ରଚଳନ ଅର୍ଥନୀତି ପାଇଁ ମଧ୍ୟ ବୋଝ। ତେଣୁ ସରକାରଙ୍କୁ ଏହି ସ୍କ୍ରାପ ପଲିସକୁ ଆହୁରି ବ୍ୟାପକ ଓ ବିସ୍ତୃତ କରିବା ଦରକାର। ଏଥିସହ ସ୍କ୍ରାପ ଉଦ୍ୟୋଗମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବା ଆବଶ୍ୟକ। ସେହିପରି ଲୋକେ ମଧ୍ୟ ବୁଝିବା ଦରକାର ଯେ, ସରକାର ଜବରଦସ୍ତି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ଗାଡ଼ିକୁ ହଟାଉନାହାଁନ୍ତି। ଏହା ଦେଶର ସ୍ୱାର୍ଥ ପାଇଁ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨/୯୨୦୪୬୫୨୦୬୫, E-mail : badal009bhuyan@gmail.com

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋତ୍ସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ଆନ୍ଦୋଳନ ସ୍ଥଗିତ, ସମସ୍ୟାର ସମାଧାନ ହେବ ତ ?



ତିନି ଦଫା ଦାବି ନେଇ ଭୁବନେଶ୍ୱରରେ ଚାରି ଦିନ ହେଲା ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି । ବୁଧବାର ରାଜ୍ୟ ସରକାରଙ୍କ ସହ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଏନେଇ ମହାସଂଘର ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଡିସେମ୍ବର ୨୦ତାରିଖ ଯାଏ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ୧୬ରୁ ୨୦ ତାରିଖ ଭିତରେ ଦାବି ପୂରଣ ନ ହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନକୁ ତ୍ରୀବତର କରାଯିବ। ଏଥିସହିତ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି



କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତ ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷାସହାୟକ ଓ କନିଷ୍ଠ ଶିକ୍ଷକଙ୍କ ମୂଳ ଚାକିରିକୁ ସରକାରୀ ସେବା ରୂପେ ଗଣନା କରି ୬ଟି ପଦୋନ୍ନତି ପ୍ରଦାନ, ସେହିପରି ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ସପ୍ତମ ବେତନ ଅନୁଯାୟୀ କେନ୍ଦ୍ରୀୟ ହାରରେ ଦରମା ଏବଂ ୨୦୦୫ରୁ ନିଯୁକ୍ତ କର୍ମଚାରୀଙ୍କ ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଥର ଆଲୋଚନା ହୋଇ ଦୁଇ ଥର ବିଫଳ ହେବା ପରେ ବୁଧବାର ଆନ୍ଦୋଳନରତ ଶିକ୍ଷକଙ୍କ ସହ ସରକାରଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ରହିବେ। ଏହି କମିଟି ଆସନ୍ତା ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଶିକ୍ଷକ ଦାବି ନେଇ ଆଲୋଚନା କରିବେ ଓ ନିଷ୍ପତ୍ତି ନେବେ। ଏହି ଆଶାରେ ବିଶ୍ୱାସ ନେଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଛାତ୍ରଛାତ୍ରୀଙ୍କ ହିତଦୃଷ୍ଟିରୁ ପ୍ରାଥମିକ ଶିକ୍ଷକ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

ମହାନ୍ ଦାର୍ଶନିକ ଭୋଲଟାୟାରଙ୍କ ମତରେ ଶିକ୍ଷାରୁ ଆସେ ଚେତନା, ଚେତନାରୁ ସୃଷ୍ଟିହୁଏ ବିପ୍ଳବ ଏବଂ ବିପ୍ଳବ ଆଣିଥାଏ ପରିବର୍ତ୍ତନ। ପ୍ରତ୍ୟେକ ଦେଶର ଉନ୍ନତି ପଛରେ ସୁଦୃଢ ଶିକ୍ଷାବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟଅର୍ଥରେ କହିଲେ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ-"ଯଦି ତୁମେ ଆଗାମୀ ଏକବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ ।" ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ହେଉଛି ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ସ୍ଥିତି ଅତି ଦୟନୀୟ । ସେହିପରି ଶିକ୍ଷକଙ୍କ ଅବସ୍ଥା ମଧ୍ୟ ତଦ୍ରୁପ। ଜଣାପଡ଼ିଛି ଯେ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଅସ୍ଥାୟୀ ଅତିଥି ଶିକ୍ଷକ ଚଳାଉଛନ୍ତି ବିଦ୍ୟାଳୟ। ଏପରିକି ରାଜ୍ୟ ସରକାରଙ୍କ ପରିଚାଳିତ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଶିକ୍ଷକ ପଦ ଖାଲି ପଡ଼ିଛି। ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତରରେ ସ୍ଥାୟୀ ନିଯୁକ୍ତି କେବେ ହେବ ବୋଲି ପ୍ରଶ୍ନରେ ମନ୍ତ୍ରୀ କହିଲେ ପର୍ଯ୍ୟାୟକ୍ରମେ ନିଯୁକ୍ତି ହେବ ବୋଲି ଉତ୍ତର ରଖିଥିଲେ। ସେହିପରି ଅସ୍ଥାୟୀ ନିଯୁକ୍ତି କେବେ ବନ୍ଦ ହେବ ବୋଲି ପ୍ରସଙ୍ଗରେ ମନ୍ତ୍ରୀ କହିଥିଲେ ଯେ ସ୍ଥାୟୀ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଦିଆଯାଉଛି। ସେହିପରି ରାଜ୍ୟ ସରକାର ୨୦୦୧ ମସିହାରେ ପ୍ରାଥମିକ ବିଦ୍ୟାଳୟରେ ବହୁଳ ଭାବରେ ଲାଗୁ କରିଥିବା ଠିକା ଶିକ୍ଷକ ନିର୍ଦ୍ଦେଶ ଯୁକ୍ତିକୁ ଅଣଦେଖା କରିଛନ୍ତି। ଅପରପକ୍ଷେ ୨୦୧୩ ମସିହାଠାରୁ ଠିକା ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ଏହା ଏକ ବିଡ଼ମ୍ବନାର ବିଷୟ।

ସୂଚନାଯୋଗ୍ୟ ଯେ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାର ବିଭିନ୍ନ ସମୟରେ ସରକାରୀ ଅନୁଦାନ ଦେଇଆସୁଛନ୍ତି । ଏ କ୍ଷେତ୍ରରେ ୧୯୬୯ ମସିହାର ପ୍ରଥମ ଶିକ୍ଷା ଆଇନ ଏକ ମାଇଲ୍‌ଖୁଣ୍ଟ ହୋଇ ରହିଆସିଛି । ଏହି ଆଇନ୍‌କୁ ଭିତ୍ତି କରି ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୨ ମସିହାରେ ସମାନ କାମକୁ ସମାନ ଦରମା ଆଇନ୍ ଓ ଏହାପରେ ୧୯୭୪ ମସିହାରେ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ ଆଇନ ଅନୁସାରେ ପୂର୍ଣ୍ଣ ଅନୁଦାନ ଦେଇ ସେମାନଙ୍କୁ ପରିଚାଳନା କମିଟିର ସିଧାସଳଖ ହସ୍ତକ୍ଷେପ ଓ ଦୌରାତ୍ମ୍ୟରୁ ମୁକ୍ତ କରାଗଲା । ଏହି ସମୟରେ ଶିକ୍ଷକମାନେ ଭାବିଥିଲେ ଯେ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥା ଏକ ଚିରସ୍ଥାୟୀ ନିୟମ। ମାତ୍ର ଏହାର ୩୦ ବର୍ଷ ପରେ ୨୦୦୪ ମସିହାରେ ଆର୍ଥିକ ସଂସ୍କାର ଆଳରେ ଓ ଡି.ଏଫ୍.ଆଇ.ଡି. ଓ ବିଶ୍ୱବ୍ୟାଙ୍କ ଚାପରେ ତତ୍‌କାଳୀନ ସରକାର ବିଧାନସଭାରେ ଆଇନ୍ ପ୍ରଣୟନ କରି ପୂର୍ବ ପ୍ରଚଳିତ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥାକୁ ବାତିଲ କରି ଘୃଣ୍ୟ ବ୍ଲକ ଗ୍ରାଣ୍ଟ ବା ମୁଣ୍ଡାମୁଣ୍ଡି ଦରମା ଦେବାର ବ୍ୟବସ୍ଥା କଲେ। ଏହି ବ୍ୟବସ୍ଥା ବିରୁଦ୍ଧରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ୪୮୮ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ ବର୍ଗ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମୟରେ ଓ ବିଶେଷ କରି ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏ ସବୁର ଫଳସ୍ୱରୂପ ୧୯୮୨ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକ ମଧ୍ୟରୁ ୧୦୮୫ ହାଇସ୍କୁଲକୁ ପେ, ଗ୍ରେଡ୍ ପେ ମିଳିଛି, ପୂର୍ବ ମୁଣ୍ଡାମୁଣ୍ଡି ବ୍ଲକଗ୍ରାଣ୍ଟ ବେତନ ବଦଳରେ ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ପେ, ଗ୍ରେଡ୍ ପେ ସହ ୫ଟି ଇନ୍‌କ୍ରିମେଣ୍ଟ ଏବଂ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପେ, ଗ୍ରେଡ୍ ପେ ସହ ଗୋଟିଏ ଇନ୍‌କ୍ରିମେଣ୍ଟ ମିଳିଛି ।

ଏଠାରେ ପ୍ରଶ୍ନ ଉଠେ ଗୋଟିଏ ବୃତ୍ତିରେ ଥାଇ, ସମାନ କାମ କରି, ବେତନରେ ଶିକ୍ଷକ ଓ ଅଧ୍ୟାପକମାନଙ୍କ କ୍ଷେତ୍ରରେ ଏ ତାରତମ୍ୟ କାହିଁକି ? ଉଦାହରଣ ଦେଇ କୁହାଯାଇପାରେ ପ୍ରାଥମିକ ସ୍ତରରେ ଜଣେ ନିୟମିତ ଶିକ୍ଷକ ୧୪,୮୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଦରମା ପାଉଥିବା ବେଳେ ଜଣେ ଗଣଶିକ୍ଷକ ୩,୫୦୦ଟଙ୍କା, ଶିକ୍ଷା ସହାୟକ ୫,୨୦୦ଟଙ୍କା କନିଷ୍ଠ ଶିକ୍ଷକ ୭,୦୦୦ଟଙ୍କା, ହାଇସ୍କୁଲ ସ୍ତରରେ ଜଣେ ନିୟମିତ ଶିକ୍ଷକ ୨୫,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିଲା ବେଳେ ଜଣେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ୫,୬୦୦ ଟଙ୍କା, ଚୁକ୍ତିଭିତ୍ତିକ ଶିକ୍ଷକ ୯,୩୦୦ଟଙ୍କା, କଲେଜ ସ୍ତରରେ ଜଣେ ୟୁଜିସି ଅଧ୍ୟାପକ ୯୦,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିବାବେଳେ ରାଜ୍ୟ ବେତନ ପାଉଥିବା ଅଧ୍ୟାପକ ୩୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ୪୮୮ ବର୍ଗର ଅଧ୍ୟାପକ ୧୬,୩୨୦ ଟଙ୍କା ଓ ୬୬୨ ବର୍ଗର ଅଧ୍ୟାପକ ୧୪,୧୩୦ ଟଙ୍କା ପାଉଛନ୍ତି । ସେହିପରି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି । ଏଠି କିଏ ପାରା ଶିକ୍ଷକ, ଗଣଶିକ୍ଷକ, ଶିକ୍ଷାସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ତ କିଏ ବ୍ଲକଗ୍ରାଣ୍ଟ ଶିକ୍ଷକ। ସେହିପରି କଲେଜ ସ୍ତରରେ କିଏ ବ୍ଲକଗ୍ରାଣ୍ଟ ପାଉଥିବା ଅଧ୍ୟାପକ କର୍ମଚାରୀ ତ କିଏ ରାଜ୍ୟ ବେତନ ଆଉ ୟୁଜିସି ବେତନ ପାଉଥିବା ଅଧ୍ୟାପକ ଓ କର୍ମଚାରୀ । କାହିଁ ଅତୀତରେ ଶିକ୍ଷକମାନଙ୍କ ବେତନରେ ଏତେ ତାରତମ୍ୟ ନଥିଲା କି ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଇ ନ ଥିଲା ?

ସବୁଠୁ ବଡ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ପୂର୍ବର ସେ ଶକ୍ତିଶାଳୀ ଶିକ୍ଷକ ସଂଗଠନ ଆଉ ନାହିଁ କି ସେପରି ଅଦମନୀୟ ନେତା ଆଉ ନାହାଁନ୍ତି । ନିଖିଳ ଉତ୍କଳ ଶିକ୍ଷକ ମହାସଂଘଠାରୁ ଆରମ୍ଭ କରି କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଭଳି ମୂଳ ସଂଗଠନଗୁଡିକ ଆଜି ବହୁଧା ବିଭକ୍ତ । ଫଳରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ନିଖିଳ ଉତ୍କଳ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ, ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ବର୍ଗ କଲେଜ ଶିକ୍ଷକ ସଂଘ, ୟୁଟିଆଇ ସଂଘ ଓ ଓଡିଶା ବିଦ୍ୟାଳୟ ପରି ଭଳିକି ଭଳି ଶିକ୍ଷକ ସଂଗଠନ ସୃଷ୍ଟି ହୋଇଛି । ଫଳରେ ସଂଗଠନଗୁଡିକର ମୂଳଚାଲ ଶକ୍ତି ହ୍ରାସ ପାଇଛି, ଯାହା ପରୋକ୍ଷରେ ସରକାରଙ୍କୁ ସୁବିଧାଜନକ ସ୍ଥିତିରେ ରଖିଛି । ଆନ୍ଦୋଳନ ସମୟରେ ସରକାର କୌଣସି ଗୋଟିଏ ଗୋଷ୍ଠୀକୁ କିଛି ଦେଇ ସନ୍ତୁଷ୍ଟ କରିବା ନୀତିକୁ ଆପଣେଇ ନେଉଥିବାବେଳେ ସଂଗଠନଗୁଡିକ ମଧ୍ୟ ବାଧ୍ୟବାଧ୍ୟକତାରେ ହେଉ ବା ଅବସ୍ଥା ଦେଖି ବ୍ୟବସ୍ଥା ପାଇଁ ହେଉ, "କାନ୍ଦୁଥା, ଯାହା ପାଉଛୁ ବାନ୍ଧୁଥା" ନ୍ୟାୟରେ ସରକାରଙ୍କ କଥାକୁ ବାଧ୍ୟ ଶିଶୁ ପରି ମାନି ନେଉଛନ୍ତି। ପରିଣାମ ସ୍ୱରୂପ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ନିଜର ମନ୍ଦ ଭାଗ୍ୟକୁ ଆଦରି ଶିକ୍ଷାଦାନରେ ବ୍ରତୀ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟ ସରକାରଙ୍କ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି ଶିକ୍ଷକ ଓ ଅଧ୍ୟାପକମାନଙ୍କଠାରୁ ଅଧିକ ଦରମା ପାଉଛନ୍ତି। ଅଥଚ ସର୍ବୋଚ୍ଚ ଡିଗ୍ରୀ ହାସଲ କରିଥିବା ଶିକ୍ଷକ ଓ ଅଧ୍ୟାପକ କେମିତି ଏକ ବ୍ୟତିକ୍ରମ ହୋଇରହିଛନ୍ତି ?

ନିକଟ ଅତୀତରେ ସରକାର ଯେଉଁ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି ସେଥିରେ ହିତାଧିକାରୀଙ୍କ ସଂଖ୍ୟା ବହୁତ କମ୍। ଏଥିରେ ମାତ୍ର ୬୯ ହଜାର ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଖାଲି ସେତିକି ନୁହେଁ ୨୦୦୪ ମସିହାଠାରୁ ଏପର୍ଯ୍ୟନ୍ତ ଯେତେଗୁଡିଏ ସଂଶୋଧିତ ଅନୁଦାନ ନୀତି ପ୍ରଣୟନ କରାଯାଇଛି, ସେଥିରେ କେଉଁଠି ଇନ୍‌କ୍ରିମେଣ୍ଟ ନାହିଁ ତ କେଉଁଠି ମହଙ୍ଗା ଭତ୍ତା ନାହିଁ । ପୁଣି କେଉଁଠି ଜି.ପି.ଏଫ୍. ନାହିଁ ତ କେଉଁଠି ଅବସରକାଳୀନ ସୁବିଧା-ସୁଯୋଗ ନାହିଁ । ଆଉ କେତେ ଦିନ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଏମିତି ହିନସ୍ତା ହେଉଥିବେ ? ଏବେ ବି ସମୟ ଅଛି। ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ଜରୁରୀ ମନେହୁଏ। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଯଦି ସେମାନଙ୍କ ଦାବି ପୂରଣ ନେଇ ବାରମ୍ବାର ରାଜରାସ୍ତାକୁ ଆସିବେ, ତାହାହେଲେ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଆମକୁ ମନେରଖିବାକୁ ହେବ ଯେ ଶିକ୍ଷା ହିଁ ପ୍ରଗତିର ମାପକାଠି ଓ ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ।

**ହିମାଂଶୁଶେଖର ଆଚାର୍ଯ୍ୟ**, ଅବସରପ୍ରାପ୍ତ ଅଧ୍ୟାପକ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Thursday May 1 | ଭୁବନେଶ୍ୱର | ଗୁରୁବାର, ୧, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ପାରାଦୀପ ବନ୍ଦର ଓ ସାକ୍ଷରତା ସମିତି ପକ୍ଷରୁ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ଉଦଘାଟିତ



ପାରାଦୀପ,(ପି.ଏନ): ପ୍ରବଳ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ମିଳିତ ସହଯୋଗରେ ପଥଚାରୀ ଙ୍କ ଜଳକଷ୍ଟ ନିବାରଣ ନିମନ୍ତେ ଏକ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ବନ୍ଦର ଉପ ସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋଢୀ, ସିଏମଇ ଏସ.ନାହାକ, ଡିଟିଏମ ଏ.କେ.ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କ୍ଷ ଏକ ମାସ ଧରି ଚାଲିବାକୁ ଥିବା ଏହି ପାନୀୟ ବଣ୍ଟନ କେନ୍ଦ୍ର କୁ ପାରାଦୀପ ସାକ୍ଷରତା ସମିତି ର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଙ୍କ ତତ୍ତ୍ୱାବଧାନ ଓ ସ୍ୱେଚ୍ଛାସେବୀ ଙ୍କ ସହଯୋଗରେ ଚାଲିବ ।

## ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, (ପି.ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୫୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୦୭ ଟି, ଆବାସ ଯୋଜନା ସମ୍ପର୍କୀୟ ୧୭ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୦୫ ଟି, ଭତ୍ତା ପାଇବା ପାଇଁ ୦୫ ଟି ,ପୋଲିସ ସହାୟତା ପାଇବା ପାଇଁ ୦୧ ଟି, ଏବଂ ଅନ୍ୟାନ୍ୟ ୧୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର



ଉଦଗାତା, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ ,ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ, ଜଗତସିଂହପୁର, ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ,ଶ୍ରୀ ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ଅଭିସ୍ୱା ପଟ୍ଟନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ପାରାଦୀପ ବନ୍ଦର ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ : ଟ୍ରାଫିକ ବିଭାଗ ଚମ୍ପିୟନ

ପାରାଦୀପ ,(ପି.ଏନ): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ସୋମବାର ଟ୍ରାଫିକ ଓ ମେଡ଼ିକାଲ ବିଭାଗ ମଧ୍ୟରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମେଡ଼ିକାଲ ବିଭାଗ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୪ଟି ଉଇକେଟ ହରାଇ ୧୪.୧ ଓଭରରେ ୧୦୯ରନ କରି ବିଜୟୀ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଦଳକୁ ଟ୍ରଫି ପ୍ରଦାନ କରିଥିଲେ କ୍ଷ ଫାଇନାଲ ମ୍ୟାଚ୍‌କୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ,ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଏବଂ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ସଫଳତା ର ସହ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ୍ ରେ ବନ୍ଦରର ବିଭାଗ ମୁଖ୍ୟମାନେ ତଥା ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲକ୍ଷ୍ୟରେ ଏପରି କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜନ କରିବାରେ ବନ୍ଦର ଅଧ୍ୟକ୍ଷଙ୍କ ଅନନ୍ୟ ପ୍ରଚେଷ୍ଟାର ଭୁୟସୀ ପ୍ରଶଂସା କରିଥିଲେ ।




## ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାସଙ୍କୁ ମାର୍ଗଦର୍ଶୀ ସମ୍ପାଦକଙ୍କ ସୌଜନ୍ୟମୂଳକସାକ୍ଷାତକାର

ଖୋର୍ଦ୍ଧା,(ପି.ଏନ): ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅଭିଜ୍ଞ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଦେବ ପ୍ରସାଦ ଦାସ ଯୋଗ ଦେବା ପରେ ତାଙ୍କୁ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ସେ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ ଏବଂ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସଏ ହାକୁ ସହୃଦୟତାର ସହ ବିଚାର କରିବେ ବୋଲି କହିଥିଲେ।



## ଜେବିଏଲ ପକ୍ଷରୁ ଭାରତରେ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ

**ଭୁବନେଶ୍ୱର,(ପି.ଏନ): ଜେବିଏଲ୍ ପକ୍ଷରୁ ଭାରତରେ** ଗେମ୍-ଚେଂ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନୂଆ ସିରିଜ ୩ଟି ସ୍ୱତନ୍ତ୍ର ଷ୍ଟାଇଲ ଯଥା ବଡ୍‌ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ର ଶୁଭାରମ୍ଭ କରିଛି। ଟ୍ୟୁନ ୨ ସିରିଜ ଆଡାପ୍ଟିଭ ନଏଜ କ୍ୟାନ୍ସେଲିଂ, ଉନ୍ନତ ଡ୍ରାଇଭର ଓ ସ୍ପାଟିଆଲ ସାଉଣ୍ଡ ଭଳି ପ୍ରଥମ ଥରର ଫିଚରଗୁଡିକ ସହ ଆସୁଛି। ମଲ୍ଟି-ପଏଂଟ କନେକ୍ସନ ଓ ଗୁଗଲର ଫାଷ୍ଟ ପେୟାର ସହିତ ଉପଭୋକ୍ତାମାନେ ସହଜରେ ଡିଭାଇସଗୁଡିକ ମଧ୍ୟରେ ସ୍ୱିଚ କରିପାରିବେ ଏବଂ ଆଣ୍ଡ୍ରଏଡ ଡିଭାଇସଗୁଡିକ ସହ ଇନ୍‌ଷ୍ଟାଂଟ ପେୟାରିଂ ଉପଭୋଗ କରିପାରିବେ। ଜେବିଏଲ୍‌ର ନୂଆ ଟ୍ୟୁନ ସିରିଜ ୨ ତିନୋଟି ସ୍ୱତନ୍ତ୍ର ଡିଜାଇନ ସହ ପର୍ସନାଲ ଅଡିଓକୁ ପୁନଃବ୍ୟାଖ୍ୟା କରିଛି ଯେଉଁଥିରେ ଏର୍ଗୋନୋମିକ ବଡ୍-ଷ୍ଟାଇଲ ଡିଜାଇନ ସହ ଟ୍ୟୁନ ବଡ୍‌ସ ୨, ସ୍ଲିକ କ୍ଲୋଜ୍‌ଡ-ଟାଇପ ଷ୍ଟିକ ଡିଜାଇନ ସହ ଟ୍ୟୁନ ବିମ୍ ୨ ଏବଂ ଉନ୍ନତ ସାଉଣ୍ଡ କ୍ୱାଲିଟି ପାଇଁ ବୃହତ ୧୨ ଏମଏମ ଡ୍ରାଇଭର ସହ ଓପନ-ଟାଇପ ଷ୍ଟିକ ଡିଜାଇନ ସହ ବହୁମୁଖୀ ଟ୍ୟୁନ ଫ୍ଲେକ୍ସ ୨ ସାମିଲ ରହିଛି। ଏଥିରେ ୪୮ ଘଂଟା ପର୍ଯ୍ୟନ୍ତ ମୋଟ ପ୍ଲେବ୍ୟାକର ଏକ ଆକର୍ଷଣୀୟ ବ୍ୟାଟେରୀ ଲାଇଫ ରହିଛି। ଏହି ଇୟରବଡ୍‌ଗୁଡିକରେ ଆଇପି୫୪ ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ରହିଛି। ସିରିଜରେ ଥିବା ପ୍ରତ୍ୟେକ ମଡେଲ ଏଲଇ ଅଡିଓ ସହ ବ୍ଲୁଟୁଥ ୫.୩ ଓ ୬ଟି ମାଇକ୍ରୋଫୋନ ସମେତ ଆଡ୍‌ଭାନ୍ସଡ ଫିଚରଗୁଡିକ ସହ ସୁସଜ୍ଜିତ ହୋଇଆସୁଛି, ଯାହା ଆହ୍ୱାନପୂର୍ଣ୍ଣ ପରିବେଶରେ ମଧ୍ୟ ସ୍ପଷ୍ଟ ଫୋନ କଲ୍ ନିଶ୍ଚିତ କରିଥାଏ। ଏହାର ଟକ୍‌ଥ୍ରୁ ଫିଚର ଆପଣଙ୍କୁ ଇୟରବଡ୍‌କୁ ବାହାର ନକରି ଆଲୋଚନାରେ ସାମିଲ ହେବାକୁ ଅନୁମତି ଦେଇଥାଏ। ଏହି ଉତ୍ପାଦଗୁଡିକ ଏପ୍ରିଲ ୧୭ ତାରିଖ ୨୦୨୫ରୁ ସମସ୍ତ ପ୍ରମୁଖ ରିଟେଲରରେ ଏବଂ ଗଂଗଂଗ.ଔଇଖ.ମକ୍ଟଙ୍କ ରେ ଉପଲବ୍ଧ ହେବ। ଆପଣ ସ୍ୱତନ୍ତ୍ର ଲଂଚ ଅଫର ପାଇଁ ନିଜର ନିକଟସ୍ଥ ଷ୍ଟୋରଗୁଡିକୁ ପରିଦର୍ଶନ କରିପାରିବେ। ଜେବିଏଲ୍ ଟ୍ୟୁନ ବଡ୍‌ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ ଯଥାକ୍ରମେ ୯୪୯୯ ଟଙ୍କା, ୧୧,୯୯୯ ଟଙ୍କା ଓ ୧୦,୪୯୯ ଟଙ୍କାରେ ଉପଲବ୍ଧଧ ହେବ। ଟିଡବ୍ଲ୍ୟୁଏସ ବ୍ଲାକ, ବ୍ଲୁ ଓ ହ୍ୱାଇଟ କଲରରେ ଉପଲବ୍ଧ ହେବ ।ଏହି ଶୁଭାରମ୍ଭ ଅବସରରେ ହର୍‌ମନ ଇଣ୍ଡିଆରେ ଲାଇଫଷ୍ଟାଇଲ ବିଭାଗର ଉପାଧ୍ୟକ୍ଷ ବିକ୍ରମ ଖେର କହିଛନ୍ତି, ଜ୍ଞଭାରତରେ ଜେବିଏଲ ଟ୍ୟୁନ ସିରିଜର ସମ୍ପ୍ରସାରଣ ସହିତ ଆମେ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ ଓ ଭଏସଆୱେର ଭଳି ଫିଚର ସହ ଏକ ଉନ୍ନତ ନିମଜ୍ଜିତ ଅଡିଓ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଯାହା ଉପଭୋକ୍ତାଙ୍କୁ ଉନ୍ନତ ସାଉଣ୍ଡ କ୍ୱାଲିଟି ଓ ସାରାଦିନର ଆରାମ ସହ ନିଜର ଶ୍ରବଣ ଅନୁଭୂତିକୁ ପର୍ସନାଲାଇଜ କରିବା ପାଇଁ ଅନୁମତି ଦେଉଛି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray